Odia Daily

www.theutkalsamachar.com

ଉତ୍କଳ ସମାଚାର

ଦୈନିକ ଓଡ଼ିଆ ଖବରକାଗଜ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

+Vol - 21+ Issue No:309+9 March 2026 (Monday) + Rourkela + Rs.2.00 + Page -1 + ୨୧ ବର୍ଷ +ସଂଖ୍ୟା:୩୦୯+୯ ମାର୍ଚ୍ଚ ୨୦୨୬ (ସୋମବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଯୁଦ୍ଧ ଭୀଷଣ ହେବ : ଆହୁରି ପ୍ରଚଣ୍ଡ ଆକ୍ରମଣ କରାଯିବ

ତେହେରାନ/ତେଲ୍ ଅଭିଭ୍,୮/୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ଦିନକୁ ଦିନ ବଢ଼ିଚାଲିଛି । ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ ଅଭିଯାନ ଏବେ ଦ୍ୱିତୀୟ ସପ୍ତାହରେ ପ୍ରବେଶ କରିଛି । ଏହି ଅଭିଯାନର ଅଷ୍ଟମ ଦିନରେ ଇସ୍ରାଏଲ ପକ୍ଷରୁ ବ୍ୟାପକ ଏୟାରଷ୍ଟ୍ରାଇକ୍ ଜାରି ରହିଛି, ଯାହା ଇରାନର ସାମରିକ ଶକ୍ତିକୁ ଭୀଷଣ କ୍ଷତିଗ୍ରସ୍ତ କରିଛି । ଏହି ଦ୍ରୁତ ଓ ତୀବ୍ର ଆକ୍ରମଣ ଇରାନକୁ ଦୁର୍ବଳ କରିବାରେ ସଫଳ ହେଉଛି, କିନ୍ତୁ ଏହା ଦୀର୍ଘକାଳୀନ ଗରିଲା ଯୁଦ୍ଧ ଏବଂ ଛାୟା ଆକ୍ରମଣର ରାସ୍ତା ଖୋଲିଦେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି କହିଛନ୍ତି, ଇରାନ ଯୁଦ୍ଧ ହାରିଛି ଏବଂ ଏବେ ପଡ଼ୋଶୀଙ୍କ ନିକଟରେ ଆତ୍ମସମର୍ପଣ କରୁଛି । ଇରାନରେ ଆମେ ସମସ୍ତ ଟାର୍ଗେଟ୍ ଧ୍ୱଂସ କରିବୁ ଏବଂ ଏଥିପାଇଁ ଆଜିଠାରୁ ଆକ୍ରମଣ ଅଧିକ ଭୟଙ୍କର ଓ ବ୍ୟାପକ ହେବ । ଗତ ୨୪ ଘଣ୍ଟା ମଧ୍ୟରେ ଇସ୍ରାଏଲ ଶତାଧିକ ଯୁଦ୍ଧବିମାନ ବ୍ୟବହାର କରି ଇରାନର ବିଭିନ୍ନ ସାମରିକ ସ୍ଥଳକୁ ନିଶାଣ କରି ବିଶାଳ ଆକ୍ରମଣ କରିଛି । ଏହି ଆକ୍ରମଣରେ ଇମାମ ହୋସେନ ସାମରିକ ବିଶ୍ୱବିଦ୍ୟାଳୟ, ଇସଲାମିକ ରିଭୋଲ୍ୟୁସନାରି ଗାର୍ଡ କର୍ପସ୍ (ଆଇଆରଜିସି) କମ୍ପାଉଣ୍ଡ, ବାଲିଷ୍ଟିକ୍ ମିସାଇଲ୍ ଭଣ୍ଡାର, ଭୂଗର୍ଭ ବଙ୍କର, କମାଣ୍ଡ ସେଣ୍ଟର, ଲଞ୍ଚ ସାଇଟ୍ ଏବଂ ତେହେରାନର ମେହରାବାଦ ଅନ୍ତର୍ଜାତୀୟ ବିମାନବନ୍ଦର କ୍ଷତିଗ୍ରସ୍ତ ହୋଇଛି । ଇରାନର ରାଷ୍ଟ୍ରୀୟ ମିଡିଆ ଏହି ଆକ୍ରମଣକୁ ବର୍ବରୋଚିତ ବୋଲି ବର୍ଣ୍ଣନା କରିଛି ଏବଂ ଏଥିରେ ନାଗରିକ ସ୍ଥଳଗୁଡ଼ିକରେ କ୍ଷତି ହୋଇଥିବା ଦାବି କରିଛି । ଅନ୍ୟପକ୍ଷରେ ପ୍ରତିଶୋଧସ୍ୱରୂପ ଇରାନ ଆଜି ଇସ୍ରାଏଲ ଉପରେ ଶତାଧିକ ମିସାଇଲ ଓ ଡ୍ରୋନ୍ ଆକ୍ରମଣ କରିଛି । ଏଥିରୁ ଅଧିକାଂଶକୁ ଇସ୍ରାଏଲୀ ପ୍ରତିରକ୍ଷା ବ୍ୟବସ୍ଥା ଧ୍ୱଂସ କରିଛି । ତେବେ କେତେକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିବାରୁ ତେହେରାନ ଓ ଅନ୍ୟ ଅ'ଳରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି । ଇସ୍ରାଏଲର ତେଲ୍ ଅଭିଭ୍‌ରେ ଇଚିଲୋଭ ମେଡିକାଲ ସେଣ୍ଟର ଓ ୨୦ରୁ ଅଧିକ ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ମୃତାହତଙ୍କ ସଂପର୍କରେ କେ?ଣସି ରିପୋର୍ଟ ଜାରି ହୋଇନାହିଁ । ଲେବାନନର ହେଜବୁଲ୍ଲା ଗୋଷ୍ଠୀ ମଧ୍ୟ ଇସ୍ରାଏଲ ଉପରେ ଡ୍ରୋନ୍ ଆକ୍ରମଣ କରିଛି । ଅନ୍ୟପକ୍ଷରେ ଇସ୍ରାଏଲ ସ୍ଥଳସେନା ଆଜି ଲେବାନନରେ ପ୍ରବେଶ କରିଛି ଏବଂ ହେଜବୁଲ୍ଲା ସହ ମୁହାଁମୁହିଁ ସଂଘର୍ଷ ଜାରି ରହିଛି । ଦୁଇ ଦିନର ଇସ୍ରାଏଲ ଆକ୍ରମଣରେ ଲେବାନନରେ ୩ ଶହରୁ ଅଧିକ ଆହତ ହୋଇଛନ୍ତି । ଇରାନ ବିରୋଧୀ ସାମରିକ ଅଭିଯାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଆମେରିକାର ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଫେବ୍ରୁଆରି ଶେଷ ସପ୍ତାହରୁ ଇରାନରେ ୩,୦୦୦ରୁ ଅଧିକ ଲକ୍ଷ୍ୟକୁ ଆକ୍ରମଣ କରାଯାଇଛି । ତେବେ ଇରାନର ଆକ୍ରମଣ କ୍ଷମତା କାଏମ ରହିଥିବାରୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଗକୁ ବଡ଼ଧରଣର ବୈଶ୍ୱିକ ସଙ୍କଟ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନଠାରୁ ନିଃସର୍ତ୍ତ ଆତ୍ମସମର୍ପଣ ଦାବି କରିଥିବା ବେଳେ ଆଜି ଇରାନ ଏହାକୁ ପ୍ରତ୍ୟାଖ୍ୟାନ କରିଛି । ଟ୍ରମ୍ପଙ୍କ ସର୍ତ୍ତରେ ଆତ୍ମସମର୍ପଣର ପ୍ରଶ୍ନ ଉଠୁନାହିଁ ବୋଲି ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ କହିଛନ୍ତି । ସେ ଘୋଷଣା କରିଛନ୍ତି ଯେ ତେହେରାନ କଦାପି ଆତ୍ମସମର୍ପଣ କରିବ ନାହିଁ ଏବଂ ଜାତୀୟ ଏକତାକୁ ସୁଦୃଢ଼ କରି ଲଢ଼େଇ ଜାରି ରଖିବ । ଆଜି ପେଜେସ୍କିଆନ ଉପସାଗରୀୟ ଦେଶମାନଙ୍କୁ କ୍ଷମା ମାଗିଛନ୍ତି ଏବଂ ସେମାନଙ୍କ ଦେଶରେ ଥିବା ସାମରିକ ଘାଟିରୁ ଆମେରିକା ଆକ୍ରମଣ କରୁଥିବାରୁ ଏହାର ଜବାବରେ ହିଁ ଇରାନ ଆକ୍ରମଣ କରୁଛି ବୋଲି କହିଛନ୍ତି । ଆମେରିକା ଘାଟିରୁ ଆକ୍ରମଣ ବନ୍ଦ ହେଲେ ଆମେ ତୁରନ୍ତ ଆକ୍ରମଣ ବନ୍ଦ କରିବୁ ବୋଲି ସେ କହିଛନ୍ତି । ଇତିମଧ୍ୟରେ ସାଉଦି ଆରବ, ୟୁଏଇ ଆଦି ଉପସାଗରୀୟ ଦେଶମାନେ ଇରାନ ଆକ୍ରମଣକୁ ପ୍ରତିରୋଧ କରିଛନ୍ତି । ସାଉଦି ବାହିନୀ ୨୦ଟି ଇରାନୀୟ ଡ୍ରୋନ୍ ଓ ୩ଟି ମିସାଇଲକୁ ଧ୍ୱଂସ କରିବାକୁ ସକ୍ଷମ ହେବାରୁ ଏହାର ତୈଳକ୍ଷେତ୍ର ଓ ସାମରିକ ଘାଟି ଅଳ୍ପକେ ବର୍ତ୍ତିଯାଇଛି । ମଧ୍ୟପ୍ରାଚ୍ୟ ସଂଘର୍ଷରେ ମାନବୀୟ କ୍ଷତି ବ୍ୟାପକ ହେଉଥିବାରୁ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି ।

ୟୁଏଇରୁ ୧୬୯ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଭାରତ ଆଣିଲେ ପାଇଲଟ୍ ଦୀପିକା

ଫରିଦାବାଦ,୮/୩: ଅନ୍ତର୍ଜାତୀୟ ମହିଳା ଦିବସର ପୂର୍ବ ସନ୍ଧ୍ୟାରେ, ଫରିଦାବାଦର ଜଣେ ଝିଅ ସାହସର ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ଫରିଦାବାଦର ଟିଗାଓଁର ୨୪ ବର୍ଷୀୟା ପାଇଲଟ୍ ଦୀପିକା ଆଧାନା, ୟୁଏଇର ରାସ ଅଲ ଖାଇମାହ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୧୬୯ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ଭାରତଆଣିଥିଲେ । ଦୀପିକା ତାଙ୍କ ଦଳ ସହିତ ଏକ ଉଦ୍ଧାର ବିମାନ ମାଧ୍ୟମରେ ଯାତ୍ରୀମାନଙ୍କୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣକରାଇଥିଲେ । ଦୀପିକା କହିଛନ୍ତି, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦:୧୫ ସମୟରେ ତାଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ୟୁଏଇର ରାସ ଅଲ ଖୈମା ବିମାନବନ୍ଦରକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେ କ୍ୟାପଟ୍ନେ ଜସବିନ୍ଦର କୌରଙ୍କ ସହିତ ଏକ ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନରେ ବାହାରିଥିଲେ । ଦଳ ଅପରାହ୍ନ ପ୍ରାୟ ୨ଟାରେ ରାସ ଅଲ ଖୈମା ବିମାନବନ୍ଦରରେ ଅବତରଣ କରିଥିଲେ । ପ୍ରାୟ ଏକ ଘଣ୍ଟା ବିଶ୍ରାମ ନେବା ପରେ, ୧୬୯ ଜଣ ଯାତ୍ରୀଙ୍କୁ ବିମାନରେ ଚଢ଼ାଯାଇଥିଲା ଏବଂ ଅପରାହ୍ନ ୩:୩୦ ରେ ବିମାନ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା । ଏହି ବିମାନର ବିଶେଷ କଥା ଥିଲା ଯେ, କ୍ୟାପଟ୍ନେଙ୍କଠାରୁ ଆରମ୍ଭ କରି କ୍ରୁ ସଦସ୍ୟ ପର୍ଯ୍ୟନ୍ତ ସମସ୍ତେ ଥିଲେ ମହିଳା । ଏହି ସମ୍ପୂର୍ଣ୍ଣ ମହିଳା ବିମାନରେ ଛଅ ଜଣ ମହିଳା ଥିଲେ । କ୍ୟାପଟ୍ନେ ଜସବିନ୍ଦର କୌର, ପାଇଲଟ୍ ଦୀପିକା ଆଧାନ ଏବଂ ଚାରି ଜଣ ମହିଳା କ୍ରୁ ସଦସ୍ୟ । ଦିଲ୍ଲୀରେ ପହଞ୍ଚିବା ପରେ, ଯାତ୍ରୀମାନେ ସମଗ୍ର ଉଦ୍ଧାର ଦଳ ପ୍ରତି ସେମାନଙ୍କର ହୃଦୟର କୃତଜ୍ଞତା ପ୍ରକାଶ କରିଥିଲେ ।

ଖାତାକୁ ଗଲା ସୁଭଦ୍ରା ଟଙ୍କା : ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

ପୁରୀ,୮/୩(ନି/ପ୍ର): ସୁଭଦ୍ରା ଯୋଜନା ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ଚତୁର୍ଥ କିସ୍ତି ଟଙ୍କା । ପୁରୀ ତାଳବଣିଆ ଠାରେ ଆୟୋଜିତ ବିଶାଳ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ଏହି ଟଙ୍କା ପଠାଇଛନ୍ତି । ରାଜ୍ୟର ୧ କୋଟି ୨ ଲକ୍ଷରୁ ଅଧିକ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିସହିତ ଚଳିତ ଥର ୨ ଲକ୍ଷ ୧୩ ହଜାର ନୂଆ ହିତାଧିକାରୀ ମଧ୍ୟ ସୁଭଦ୍ରା ଯୋଜନାରେ ସାମିଲ ହୋଇଛନ୍ତି । ମୋଟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆ ଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି । ସେ କହିଛନ୍ତି, ୫ ହଜାର କୋଟିରୁ ଅଧିକ ଟଙ୍କା ସିଧା ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି । ଏବେସୁଦ୍ଧା ମୋଟ ୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ଜଣ ଆବେଦନ କରିଛନ୍ତି । ଯୋଗ୍ୟ ୧ କୋଟି ୨

ଜେଡିୟୁରେ ଯୋଗଦେଲେ ନିଶାନ୍ତ କୁମାର

ପାଟନା,୮/୩: ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ରବିବାର ଜନତା ଦଳ ୟୁନାଇଟେଡ୍ (ଜେଡିୟୁ)ରେ ଯୋଗ ଦେଇଛନ୍ତି । ଜେଡିୟୁର ଜାତୀୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜୟ ଝା ନିଶାନ୍ତ କୁମାରଙ୍କୁ ଦଳୀୟ ସଦସ୍ୟତା ପ୍ରଦାନ କରିଥିଲେ । ଏହି ଅବସରରେ, ନିଶାନ୍ତ କୁମାର ସେଠାରେ ଉପସ୍ଥିତ ଜେଡିୟୁ କର୍ମୀମାନଙ୍କୁ ସମ୍ବୋଧିତ କରିବା ସହ ସେ ଜଣେ ସକ୍ରିୟ ସଦସ୍ୟ ଭାବରେ ଦଳର ଯତ୍ନ ନେବେ ଏବଂ ତାଙ୍କ ବାପା ରାଜ୍ୟସଭା ପାଇଁ ପ୍ରାର୍ଥୀ ହେବାକୁ ଯେଉଁ ନିଷ୍ପତି ନେଇଛନ୍ତି, ତାହାକୁ ସେ ସମ୍ମାନ କରନ୍ତି ବୋଲି କହିଛନ୍ତି । ନିଶାନ୍ତ ଆହୁରି କହିଛନ୍ତି, ଜନତା ଓ ଦଳ ମୋ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି ତାହା ପୂରଣ କରିବାକୁ ମୁଁ ଚେଷ୍ଟା କରିବି । ଗତ ୨୦ ବର୍ଷ ମଧ୍ୟରେ ମୋ ବାପା ଯାହା ସବୁ କରିଛନ୍ତି ତାକୁ ସମସ୍ତଙ୍କ ନିକଟରେ ପହ"ାଇବା ପାଇଁ ମୁଁ ଚେଷ୍ଟା କରିବି । ମୋ ବାପା କ''ଣ କରିଛନ୍ତି ତାହା ସମସ୍ତେ ମନେ ରଖିବେ । ନିଶାନ୍ତ କୁମାର ତାଙ୍କ ଭାଷଣରେ ସମସ୍ତଙ୍କୁ ତାଙ୍କ ପିତାଙ୍କ ପ୍ରତି ବିଶ୍ୱାସ ବଜାୟ ରଖିବାକୁ ମଧ୍ୟ ଅନୁରୋଧ କରିଥିଲେ । ଏହି ଅବସରରେ, ଜେଡିୟୁ ରାଜ୍ୟ ସଭାପତି ଉମେଶ କୁଶୱାହା, ନିଶାନ୍ତ କୁମାରଙ୍କୁ ଦଳର ଭବିଷ୍ୟତ ବୋଲି କହିଥିବା ବେଳେ ଦଳ ଭିତରେ ନିଶାନ୍ତଙ୍କୁ ଏକ ପ୍ରମୁଖ ଦାୟିତ୍ୱ ମିଳିପାରେ ବୋଲି ଅନୁମାନ କରାଯାଉଛି ।

ଏପ୍ରିଲ୍ ୮ରେ ମୋକିମ୍‌ଙ୍କ ନୂଆ ଦଳ

କଟକ,୮/୩(ନି/ପ୍ର): ନୂଆ ଦଳ ଲଞ୍ଚ କରିବା ନେଇ ବଡ଼ ଘୋଷଣା କରିଛନ୍ତି ମହମ୍ମଦ ମୋକିମ୍ । ଏପ୍ରିଲ୍ ୮ରେ ନୂଆ ଦଳ ଲଞ୍ଚ କରିବେ । ଏବଂ ଯାହାର ନାଁ ରହିବ 'ଓଡ଼ିଶା ଜନତା କଂଗ୍ରେସ' । ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ନୂଆ ଦଳ ଲଞ୍ଚ ହେବ ବୋଲି ଘୋଷଣା କରିଛନ୍ତି ମହମ୍ମଦ ମୋକିମ୍ । ନୂଆ ଦଳ ଲଞ୍ଚ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ପ୍ରତିନିଧି ଯୋଗଦେବେ । ଆସନ୍ତା ରାଜ୍ୟସଭା ନିର୍ବାଚନ ନେଇ ମଧ୍ୟ ସେ ପ୍ରତିକ୍ରିୟା ରଖିଛନ୍ତି । କହିଛନ୍ତି ବିଜେଡି ୨୫ ବର୍ଷ ଧରି କଂଗ୍ରେସକୁ ତଳି ତଳାନ୍ତ କରିଛି । ସେହି ଦଳ ସହ ହାତ ମିଳାଇବା ଅନହୋଲି ଆଲାଏନ୍ସ । ଏହା କଂଗ୍ରେସ ପାଇଁ କ୍ଷତି ପହଞ୍ଚାଇବ । ତାଙ୍କ ଦଳର ଅନେକ ବିଧାୟକ ଏନେଇ ଅସନ୍ତୁଷ୍ଟ ଅଛନ୍ତି ।

ସବୁ ସୀମା ପାର୍ କରିଛନ୍ତି ମମତା ସରକାର, ରାଷ୍ଟ୍ରପତିଙ୍କ ସହ ଘଟିଥିବା ଘଟଣା ଲଜ୍ଜାଜନକ : ବର୍ଷିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୦୮/୦୩: ପଶ୍ଚିମବଙ୍ଗ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । କାର୍ଯ୍ୟକ୍ରମର ସ୍ଥଳ ପରିବର୍ତ୍ତନ ଏବଂ ପ୍ରୋଟୋକଲ୍ ଠିକ୍ ନଥିବାରୁ ରାଷ୍ଟ୍ରପତି ଅସନ୍ତୋଷ ଜାହିର କରିଛନ୍ତି । ତେବେ ମମତା ବାନାର୍ଜୀ ସରକାରଙ୍କ ଏପରି କାର୍ଯ୍ୟକୁ ସବୁଠି ନିନ୍ଦା କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଘଟଣାରେ ଟିଏମସି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ମୋଦୀ କହିଛନ୍ତି ଯେ, ଏପରି ଘଟଣା ଲଜ୍ଜାଜନକ ଏବଂ ଆଗରୁ କେବେ ଘଟିନାହିଁ । ତୃଣମୂଳ ସରକାର ସାନ୍ତାଳି ପ୍ରଥା ଏବଂ ପରମ୍ପରାକୁ ଅତି ହାଲୁକା ଭାବେ ନେଉଛନ୍ତି । ରାଷ୍ଟ୍ରପତି ନିଜେ ଏହି ସମ୍ପ୍ରଦାୟରୁ ଆସିଛନ୍ତି । ତଥାପି ପଶ୍ଚିମବଙ୍ଗରେ ମମତା ସରକାର ମନଇଚ୍ଛା କାର୍ଯ୍ୟ କରୁଛନ୍ତି । ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରୁଛନ୍ତି ସେମାନଙ୍କୁ ପଶ୍ଚିମବଙ୍ଗରେ ରାଷ୍ଟ୍ରପତିଙ୍କ ସହ ଘଟିଥିବା ଘଟଣା ବ୍ୟଥିତ କରିଛି । ମୋଦୀ ଆହୁରି କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଟିଏମସି ସରକାର ସମସ୍ତ ସୀମା ପାର୍ କରିଛି । ମମତାଙ୍କ ସରକାର ରାଷ୍ଟ୍ରପତିଙ୍କ ସହ ଘଟିଥିବା ଘଟଣା ପାଇଁ ଦାୟୀ । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସମସ୍ତ ରାଜନୀତିଠୁ ଉର୍ଦ୍ଧ୍ୱରେ ରହିଛି । ଏହାର ସମ୍ମାନ ରକ୍ଷା କରିବା ଜରୁରୀ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ,ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ସରକାର ରାଷ୍ଟ୍ରପତି ଦ୍ରେ?ପଦୀ ମୁର୍ମୁଙ୍କୁ ଅସମ୍ମାନ କରିଥିବା ଅଭିଯୋଗ ହୋଇଛି । ଖୋଦ ରାଷ୍ଟ୍ରପତି ମଧ୍ୟ ପଶ୍ଚିମବଙ୍ଗ ସରକାରଙ୍କ ବ୍ୟବହାରକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ହେବାକୁ ଥିବା ସ୍ଥାନକୁ ପରିବର୍ତ୍ତନ କରି ଦେଇଥିଲେ ପଶ୍ଚିମବଙ୍ଗ ସରକାର । କିନ୍ତୁ ରାଷ୍ଟ୍ରପତି ନିଜେ ପୂର୍ବରୁ ସ୍ଥିରୀକୃତ ସ୍ଥାନକୁ ଯିବା ପରେ, ରାଜ୍ୟ ସରକାର ଏବଂ ପ୍ରଶାସନର କାର୍ଯ୍ୟଶୈ?ଳୀ ଉପରେ ପ୍ରଶ୍ନ କରିଛନ୍ତି । ସ୍ଥାନ କମ୍ ଥିବା କହି କାର୍ଯ୍ୟକ୍ରମକୁ ସ୍ଥାନାନ୍ତର କରିଥିବା ପ୍ରଶାସନକୁ ଆଇନା ଦେଖାଇଛନ୍ତି ରାଷ୍ଟ୍ରପତି । ଯେଉଁ ସ୍ଥାନରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ହେବାକୁ ଥିଲା, ସେଠାରେ ଅଧିକ ଲୋକଙ୍କ ପାଇଁ ଜାଗା କମ୍ ପଡ଼ିବ ବୋଲି କହି ଶେଷ ମୁହୂର୍ତ୍ତରେ ସ୍ଥାନ ପରିବର୍ତ୍ତନ କରାଯାଇଥିଲା । କିନ୍ତୁ ରାଷ୍ଟ୍ରପତି ନିଜେ ସେହି ସ୍ଥାନକୁ ଯାଇ ଦେଖିଥିଲେ ଯେ, ସେଭଳି କିଛି ଅସୁବିଧା ନାହିଁ । ସେଠାରେ ଲକ୍ଷାଧିକ ଲୋକ ଆରାମରେ ଏକାଠି ହୋଇପାରିବେ । ସେହି ସ୍ଥାନରୁ ହିଁ ରାଷ୍ଟ୍ରପତି ଦ୍ରେ?ପଦୀ ମୁର୍ମୁ ଟିଏମସି ସରକାରଙ୍କ ଉପରେ ବର୍ଷିଛନ୍ତି ।

ଯୁଦ୍ଧକୁ ଜର୍ମାନବାସୀଙ୍କ ବିରୋଧ

ନୂଆଦିଲ୍ଲୀ,୮/୩: ଇରାନ ଉପରେ ଇସ୍ରାଏଲ ଏବଂ ଆମେରିକା ଭୟଙ୍କର ମିସାଇଲ ଆକ୍ରମଣ କରୁଛନ୍ତି । ଇରାନର ସର୍ବୋଚ୍ଚ ନେତା ଖାମେନିଙ୍କ ସମେତ ଆହୁରି ଟପ୍ ଲିଡର୍ ଏୟାରଷ୍ଟ୍ରାଇକରେ ପ୍ରାଣ ହରାଇଛନ୍ତି । ମଧ୍ୟପ୍ରାଚ୍ୟର ଏହି ଯୁଦ୍ଧ ୧୦ରୁ ଅଧିକ ଦେଶକୁ ବ୍ୟାପିଲାଣି । ଅନେକ ଏହି ଯୁଦ୍ଧକୁ ଠିକ୍ କହୁଥିବା ବେଳେ ଆଉ କିଛି ବିରୋଧ କରୁଛନ୍ତି । ଜର୍ମାନବାସୀ ମଧ୍ୟ ଗଲଫ୍ ଦେଶର ଯୁଦ୍ଧକୁ ନାପସନ୍ଦ କରିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି । ଏଆରଡି ଡ୍ୟୁଟସ୍ ଲ୍ୟାଣ୍ଡ୍ ଟ୍ରେଣ୍ଡ୍ ସର୍ଭେ ଅନୁସାରେ, ଏବେ ବିଶ୍ୱର ଯାହା ଘଟୁଛି ତାହାକୁ ନେଇ ଜର୍ମାନବାସୀ ଚିନ୍ତାରେ ଅଛନ୍ତି । ଯୁଦ୍ଧକୁ ଅନେକ ନାପସନ୍ଦ କରିବା ସହ ବିରୋଧ କରୁଛନ୍ତି । ୧୦ ଜଣଙ୍କ ମଧ୍ୟରୁ ୬ ଜଣ ଯୁଦ୍ଧ ସପକ୍ଷରେ ନାହାଁନ୍ତି । ଏହାକୁ ସେମାନେ ନ୍ୟାୟସଙ୍ଗତ କହୁ ନାହାଁନ୍ତି । ତେବେ ଏହି ବିରୋଧ ହାର ଆମେରିକାର ଭେନେଜୁଏଲା ଏବଂ ୨୦୦୩ରେ ଇରାକ ଉପରେ ଆକ୍ରମଣଠୁ କମ୍ ।

ମହିଳା ଦିବସରେ ସରକାରଙ୍କୁ ନବୀନଙ୍କ ଟାର୍ଗେଟ୍ :

ଏ ସରକାରରେ ମାଆ ମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି, ଶୁଣିବାକୁ କେହି ନାହିଁ

ଭୁବନେଶ୍ୱର,୮ ।୩(ନି/ପ୍ର): ମହିଳା ଦିବସରେ ସରକାରଙ୍କୁ ଟାର୍ଗେଟ୍ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିଶ୍ୱ ମହିଳା ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ । ସମାଜ, ଦେଶ, ଓ ବିଶ୍ୱ ମାଆ ବିନା କେହି ନାହିଁ । ପ୍ରିୟ ନେତା ବିଜୁ ବାବୁ ଏହା ଭଲ ଭାବେ ବୁଝିଥିଲେ । ତାଙ୍କ ସମୟରେ ଆରମ୍ଭ କରିଥିଲେ ନାରୀ ସଶକ୍ତିକରଣ । ବିଜୁ ବାବୁ ଦେଶରେ ମହିଳା ସଶକ୍ତିକରଣ ଆରମ୍ଭ କରିଥିଲେ । ବିଜେଡି ସରକାର ମାଆ ବିକାଶରେ ଅନେକ ଐତିହାସିକ ପଦକ୍ଷେପ ନେଇଥିଲେ । ହେଲେ ଏବେ ବିଜେପି ସରକାର ସମୟରେ ମାଆ ମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି । ଶୁଣିବାକୁ କେହି ନାହିଁ । ନେତୃତ୍ୱ ବିଫଳତା । ବିଜେଡି ମହିଳା ସମ୍ମାନ ଓ ସଶକ୍ତିକରଣ ପାଇଁ ଲଢ଼େଇ ଜାରି ରଖିବ । ଆପଣମାନେ ହେଉଛନ୍ତି ବିଜେଡିର ନୀତି ଓ ଆଦର୍ଶ । ମାଆ ମାନଙ୍କୁ ରାଜନୈତିକ ଓ ଅର୍ଥନୈତିକ ସଶକ୍ତିକରଣ ବିଜେଡିର ଲକ୍ଷ୍ୟ ।

ମୁଖ୍ୟ କେନାଲରୁ ମୃତ ଦେହ ଉଦ୍ଧାର

ଜୟପୁର,୮/୩: ଜୟପୁର କୋଲବ ଜଳସେଚନ ବିଭାଗର ମୁଖ୍ୟ କେନାଲରୁ ଯମୁନାଗୁଡା ଗ୍ରାମ ନିକଟରେ ସହରର କେନ୍ଦୁଗୁଡା ବାସିନ୍ଦା ଶ୍ୟାମସୁନ୍ଦର ନାୟକ (୫୦)ଙ୍କ ମୃତ ଦେହ ସଦରଥାନା ପୁଲିସ ପକ୍ଷରୁ ଗତକାଲି ସଂଧ୍ୟାରେ ଉଦ୍ଧାର କରାଯାଇଛି । ଏହିପରି ମୃତକଙ୍କ ବିବାହିତ ଝିଅ ସସ୍ମିତା ମୃତଦେହକୁ ଚିହ୍ନଟ କରିବା ପରେ ଆଜି ତାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏଥିନେଇ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

ଇରାନର ତୈଳ ପ୍ରତିଷ୍ଠାନ ଉପରେ ବଡ଼ ଆକ୍ରମଣ



ଇରାନକୁ "ନର୍କ''ରେ ପରିଣତ କରିବାକୁ ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀ

ତେହେରାନ,୮/୩: ଇରାନ ଓ ଇସ୍ରାଏଲ ମଧ୍ୟରେ ବିବାଦ ଏବେ ଏକ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି । ଉଭୟ ପକ୍ଷ ପରସ୍ପରର ଅର୍ଥନୀତିର ମେରୁଦଣ୍ଡ ବୋଲି ବିବେଚିତ ତୈଳ ଘାଟିଗୁଡ଼ିକୁ ଟାର୍ଗେଟ କରୁଛନ୍ତି । ଶନିବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଥିବା ଏହି ପ୍ରବଳ ବୋମା ମାଡ଼ ମଧ୍ୟପ୍ରାଚ୍ୟରେ ବଡ଼ ଧ୍ୱଂସ ଘଟାଇବା ସହିତ ସମଗ୍ର ବିଶ୍ୱର ଚିନ୍ତାକୁ ବୃଦ୍ଧି କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେଇ କହିଛନ୍ତି ଯେ, ଆମେ ପରିସ୍ଥିତିକୁ ନର୍କଠାରୁ ମଧ୍ୟ ଖରାପ କରିଦେବୁ । ଏହି ଉତ୍ତେଜନାପୂର୍ଣ୍ଣ ପରିବେଶ ମଧ୍ୟରେ, ଇସ୍ରାଏଲ ଦାବି କରିଛି, ଆମେ ଇରାନରେ ଏକ ବଡ଼ ବିଜୟର ନିକଟତର ହୋଇଛୁ । ଶନିବାର ବିଳମ୍ବିତ ରାତିରୁ, ଇରାନ ଓ ଇସ୍ରାଏଲ ପରସ୍ପରର ଗୁରୁତ୍ୱପୂର୍ଣ୍ଣ ତୈଳ ପ୍ରତିଷ୍ଠାନ ଏବଂ ସାମରିକ ଘାଟି ଉପରେ ଏକାଧିକ ଭୟଙ୍କର ଆକ୍ରମଣ ଆରମ୍ଭ କରିଛନ୍ତି । ଇସ୍ରାଏଲ ତେହେରାନ ସମେତ ଅନେକ ଇରାନ ସହରରେ ଅବସ୍ଥିତ ବଡ଼ ବଡ଼ ତେଲ ଟ୍ୟାଙ୍କରଗୁଡ଼ିକୁ ଟାର୍ଗେଟ କରିଛି । ଫଳରେ ସବୁଠି ନିଆଁ ଦେଖାଯାଉଛି । ଜବାବରେ, ଇରାନ ଇସ୍ରାଏଲର ହାଇଫା ରିଫାଇନାରୀ ଉପରେ ମଧ୍ୟ ବହୁ ସଂଖ୍ୟକ କ୍ଷେପଣାସ୍ତ୍ର ମାଡ଼ କରିଛି, ଯାହା ଫଳରେ ଏହା ଯୋଗୁ ଇସ୍ରାଏଲୀ ଅର୍ଥନୀତିକୁ ବଡ଼ ଆଘାତ ଲାଗିବାର ଆଶଙ୍କା ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧ ଉପରେ ବହୁତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି, ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି । ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଛନ୍ତି । ଟ୍ରମ୍ପ ଘୋଷଣା କରିଛନ୍ତି, ଇରାନ ଉପରେ ଏକ ବଡ଼ ଆକ୍ରମଣ ଆସନ୍ନ ଏବଂ ସେ ଇରାନର ପରିସ୍ଥିତିକୁ ନର୍କଠାରୁ ମଧ୍ୟ ଖରାପ କରିଦେବେ ବୋଲି ଧମକ ଦେଇଛନ୍ତି । ଏହି ଧମକର ଜବାବରେ, ଇରାନର ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ସ୍ପଷ୍ଟ କରିଛନ୍ତି, ଯଦି ତେହେରାନ୍ ଉପରେ ଆକ୍ରମଣହୁଏ, ତେବେ ତେହରାନ ତାହାର ପାଲଟା ଜବାବ କଡଠାର ଭାବେ ଦେବ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ବିବୃତି ଜାରି କରି ଦାବି କରିଛନ୍ତି, ସଦ୍ୟତମ ଆକ୍ରମଣରେ ଇରାନକୁ ଅପୂରଣୀୟ କ୍ଷତି ହୋଇଛି ଏବଂ ସେମାନେ ବିଜୟର ନିକଟତର ହୋଇଛନ୍ତି । ନେତାନ୍ୟାହୁଙ୍କ ଅନୁଯାୟୀ, ଇସ୍ରାଏଲୀ ସେନା ଇରାନର ପରମାଣୁ ଭିତିଭୂମି, କମାଣ୍ଡ ସେଣ୍ଟର, ଅସ୍ତ୍ରଶସ୍ତ୍ର କାରଖାନା ଏବଂ ଶହ ଶହ ବାଲିଷ୍ଟିକ୍ ମିସାଇଲ୍ ଲଞ୍ଚର୍ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି । ଅନ୍ୟପକ୍ଷରେ, ଇରାନ ମଧ୍ୟ ଏକ ଡ୍ରୋନ୍ ସାହାଯ୍ୟରେ ଦୁବାଇ ମାରିନାର ଏକ ଟାୱାର ଉପରେ ଆକ୍ରମଣ କରିଛି, ଯେଉଁଠାରେ ଏକ ଉଚ୍ଚ କୋଠାରୁ ଧୂଆଁ ଉଠୁଥିବା ଦେଖାଯାଇଥିଲା । ଉଭୟ ଦେଶ ଦ୍ୱାରା ତୈଳ ବିଶୋଧନାଗାରକୁ ଟାର୍ଗେଟ କରିବା ଦ୍ୱାରା ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ହେବାର ସମ୍ଭାବନା ବୃଦ୍ଧି ପାଇଛି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255316
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ

କେନ୍ଦୁଝର,୮/୩ (ନି/ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଅଧିକାର ଆଇନ-୨୦୦୫ର ସଠିକ୍ ଅନୁପାଳନ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ କଲେକ୍ଟୋରେଟ୍‌ର ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅଧିକାର ଆଇନର ଧାରା ୪ (୧) (ଖ) ଅନୁଯାୟୀ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ନିଜସ୍ୱ ତଥ୍ୟାବଳୀକୁ ସ୍ୱେଚ୍ଛାକୃତ ଭାବେ ସର୍ବସାଧାରଣରେ ପ୍ରକାଶ କରିବା ହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କର୍ମଶାଳାକୁ ଭୁବନେଶ୍ୱରରୁ ଆସିଥିବା ବିଷୟ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ପ୍ରଶିକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପ୍ରଶିକ୍ଷଣ ଦେଇଥିଲେ ଅନ୍‌ଲାଇନ୍ ଆରଟିଆଇ ପୋର୍ଟାଲ କିପରି ଇ-ଆ ?ଟିଆଇ ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତର ପ୍ରଦାନ କରାଯିବ । ସରକାରୀ ୱେବସାଇଟ୍‌ରେ ୧୭ଟି ବିଶିଷ୍ଟ ତଥ୍ୟାବଳୀର ନିୟମିତ ଅପଡେଟ୍ । ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଏବଂ ଆବେଦନ ଖାରଜ ହେଲେ ଅନୁସରଣ କରାଯାଉଥିବା ଆଇନଗତ ପ୍ରକ୍ରିୟା । ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥରାଶିର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ଆଲୋଚନା । ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଜନ ସୂଚନା ଅଧିକାରୀ ଏବଂ ସହକାରୀ ଜନ ସୂଚନା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଅଧିକାରୀମାନେ ସେମାନଙ୍କର ସନ୍ଦେହ ଦୂର କରିବା ସହ ବାସ୍ତବ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଥିଲେ । ସୂଚନା ଅଧିକାର ଆଇନ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଓଡ଼ିଆ ଓ ଇଂରାଜୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ସେମାନଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ରାଶି ମଧ୍ୟ ପ୍ରଦାନ କରାଯାଇଥିଲା । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ, ନିଜାରତ ସନ୍ତୋଷ କୁମାର ଜେନା ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବୃଦ୍ଧଙ୍କୁ ଦଳି ଦେଲା ଦନ୍ତା

ଅନୁଗୋଳ,୮/୩(ନି/ପ୍ର): ଅନୁଗୋଳ ବନାଂଚଳ କରତପଟା ସେକ୍ସନ ହିଂସାଲୋଇ ଗାଁରେ ହାତୀ ଆତଙ୍କ । ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ମୃତକ ନରୋତ୍ତମ ମାଟିଆରି (୬୫) ବୋଲି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ନରୋତମ କୁରୁଡୁ ଗାଁକୁ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲେ । ଅପରାହ୍ନ ସମୟରେ ଘରକୁ ଶାଗ ଓ ବାଇଗଣ ଧରି ଫେରୁଥିଲେ । ଏତିକିବେଳେ ହାତୀ ତାଙ୍କୁ ରାସ୍ତାରେ ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ବନ ବିଭାଗ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ।

ଅଜଣା ଗାଡ଼ି ଧକ୍କାରେ ଆହତ ବ୍ୟକ୍ତି ମୃତ

ଜୟପୁର,୮/୩(ନି/ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଗାଗନାପୁର ରାସ୍ତା ନିକଟରେ ଗତ ଫେବୃଆରୀ୨୭ ତାରିଖରେ ହୋଇଥିବା ଅଜଣା ଗାଡି ଧକ୍କାରେ ଆହତ ବ୍ୟକ୍ତିଙ୍କ ଆଜି କୋରାପୁଟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି । ପୁଲିସ ସୂଚନା ଅନୁଯାୟୀ ଗତ ଫେବୃଆରୀ୨୭ ତାରିଖ ରାତିରେ ଜେଲରୋଡ ନିବାସୀ ପିଙ୍କୁ ମାଝୀ ଘରକୁ ଫେରୁଥିବା ସମୟରେ ଗାଗନାପୁର-ଡୁମୁରିପୁଟ ମଝି ରାସ୍ତାରେ ଏକ ଅଜଣା ଗାଡି ଧକ୍କାହେବା ପରେ ତାଙ୍କୁ ଜୟପୁର ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବା ଯୋଗୁଁ କୋରାପୁଟ୍ ମେଡିକାଲ ସ୍ଥାନାନ୍ତର କରି ଚିକିତ୍ସା କରାଯିବା ସମୟରେ ଆଜି ପିଙ୍କୁ ମାଝୀଙ୍କୁ ମୃତ୍ୟୁ ହୋଇଥିବା ସଦରଥାନା ପୁଲିସ ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

ଯୋଡ଼ାସ୍ଥିତ ବନେଇକଳା ଦୁର୍ଗାପୂଜା ପଡ଼ିଆରେ କଂଗ୍ରେସ ପକ୍ଷରୁ ଜିଲ୍ଲାସ୍ତରୀୟ ଜନ ଅଧିକାରୀ ସମାବେଶ

କାନପୁର ବିସ୍ଥାପିତଙ୍କ ପିସିସି ସଭାପତିଙ୍କୁ ଦାବୀପତ୍ର

ଚମ୍ପୁଆ,୮/୩(ନି/ପ୍ର): ଓଡିଶାର ଦ୍ୱିତୀୟ ନଦୀବନ୍ଧ କାନପୁର ବୃହତ ଜଳ ସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାର ବର୍ଗଙ୍କର ଓଡିଶା ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି । ଏ ସମ୍ବନ୍ଧରେ ବାସୁଦେବପୁର ମେଡିକାଲ ଛକ ଠାରେ କଂଗ୍ରେସର ସ୍ଥାନୀୟ ନେତା ଗୁରୁବକ୍ସ ସିଂହ ଆହଲୁୱାଲିଆଙ୍କ ତତ୍ୱାବଧାନରେ ଶତାଧିକ ବିସ୍ଥାପିତ ପରିବାର ପକ୍ଷରୁ ଏହି ଦାବୀପତ୍ର ପ୍ରଦାନ କରାଯାଇଥିଲା । ଭକ୍ତଚରଣ ଦାସଙ୍କ ସହ ଓଡିଶା କଂଗ୍ରେସର ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସହପ୍ରଭାରୀ ମୟୂରା ଏସ ଜୟକୁମାର, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମଙ୍କ ସହିତ ବହୁ ତୁଙ୍ଗନେତା ଏଠାରେ ଉପସ୍ଥିତ ଥିଲେ । ଓଡିଶା ସରକାର କାନପୁର ନଦୀବନ୍ଧ ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଓ ଆଂଶିକ କ୍ଷତିଗ୍ରସ୍ତ ୩ ଗୋଟି ଗ୍ରାମପଂଚାୟତର ୧୬ଟି ଗାଆଁର ବିସ୍ଥାପିତ ପରିବାର ଏହି ଦାବୀ ଜଣାଇଥିଲେ । ଦାବୀ ଗୁଡିକ ମଧ୍ୟରେ, ଯେହେତୁ କାନପୁର ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଅଛି ଏଣୁ ୧-୧-୨୦୧୮ ବଦଳରେ ୧-୧-୨୦୨୫ କଟଅଫ ଡେଟ ଲାଗୁ କରାଯିବାକୁ ଦାବୀ କରିଥିଲେ ।ବର୍ଦ୍ଧିତ ରାଶି ୨୦୧୪ ମସିହାରୁ ଆଜି (୨୦୨୬) ପର୍ଯ୍ୟନ୍ତ ଥଇଥାନ ନିୟମ ଅନୁଯାଇ ପ୍ରଦାନ କରାଯାଉ । (ଯେହେତୁ ପ୍ରତି ୨ ବର୍ଷ ଅନ୍ତରାଳରେ ଆରପିଡିଏସି ସଭା ହେବାର ନିୟମ ରହିଛି) । ବିବାହିତା ଓ ଅବିବାହିତା ଏବଂ ବାପ, ମା ଛେଉଣ୍ଡ ପୁଅ, ଝିଅ ମାନଙ୍କୁ ଉଚିତ ସହାୟତା ରାଶି ପ୍ରଦାନ କରାଯାଉ (୧୯୮୦ ମସିହା ରୁ ଧରାଯାଉ)। ବିସ୍ଥାପିତ ପରିବାରବର୍ଗଙ୍କୁ ମୌଳିକ ସୁବିଧା ଯୋଗେଇଦେବାରେ ଯଥାଶୀଘ୍ର ଉଚିତ ପଦକ୍ଷେପ ନିଆଯାଉ କ୍ଷ ଚାଷ ଜମି ବଦଳରେ ଜମି, ଘର ଡିହ ବଦଳରେ ଘରଡିହ ଲେଖାଥିବା ବିସ୍ଥାପିତ ପରିବାରଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ । ସେ ସ୍ଥାନରୁ ଛାଡି ଯାଇଥିବା ପରିବାର, ଭୂମିହୀନ ପରିବାର ଓ ୭୫ ପ୍ରତିଶତ ଆଂଶିକ ପରିବାରମାନଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ କରାଯାଉ । କାନପୁର ବୃହତ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାର ବର୍ଗଙ୍କ ଠାରୁ ବିଭିନ୍ନ ଚିଟ ଫଣ୍ଡ ସଂସ୍ଥାମାନଙ୍କ ଦ୍ୱାରା ଅର୍ଥ ହଡ଼ପ ଉପରେ ଯଥାଶୀଘ୍ର ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗରିବ ଆଦିବାସୀ ପରିବାର ବର୍ଗଙ୍କୁ ତାଙ୍କର ଅର୍ଥ ରାଶି ଫେରସ୍ତ ପ୍ରଦାନ କରନ୍ତୁ । ଯୋଉଠି ଭିଟାମାଟି ହରେଇ କେବଳ ବିସ୍ଥାପିତ ଓ ଥଇଥାନ ନୀତି ୨୦୦୬ ଅନୁସାରେ ବର୍ତ୍ତମାନ ସୁଦ୍ଧା ଉଚିତ ପ୍ରାପ୍ୟ ପାଇ ପାରିନାହାନ୍ତି । ଅନ୍ୟପକ୍ଷରେ କାନପୁର କେନାଲ ନିମନ୍ତେ ଜମି ହରେଇ ଥିବା ଲୋକମାନେ ବିସ୍ଥାପିତ ଓ ଥଇଥାନ ନୀତି ୨୦୧୩ ଅନୁଯାୟୀ ୩ ଗୁଣା ଅଧିକା ରାଶି ପାଇବା ନିଶ୍ଚୟ ଜମି ହରାଙ୍କ ନିମନ୍ତେ ଘୋର ଅନ୍ୟାୟ ଏଣୁ ସରକାର ଖୁବ ଶୀଘ୍ର ଆରପିଡିଏସି ବୈଠକ କରି ଉଚିତ୍ ସମାଧାନ କରିବେ ବୋଲି ଡବଲ ଇଞ୍ଜିନ ସରକାରଙ୍କୁ ନିବେଦନ କରିଛନ୍ତି । କଂଗ୍ରେସ ଦଳ ନେତା ଏ ସମ୍ବନ୍ଧରେ ମୋହନ ସରକାରଙ୍କୁ ଆଗାମୀ ବିଧାନସଭାରେ ଉପସ୍ଥାପନ କରି ସରକାରଙ୍କ ଫିତା କାଟିବାର ଯୋଉ ଯୋଜନା କରୁଛନ୍ତି ତା' ପୂର୍ବରୁ କାନପୁର ବିସ୍ଥାପିତ ପରିବାର ବର୍ଗଙ୍କୁ ନ୍ୟାୟ ପ୍ରଦାନ ନ କଲେ ଆଗାମୀ ଦିନରେ ରାଜ ରାସ୍ତାରେ ଓଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ମହାନଗରରେ ଆତ୍ମସମର୍ପଣ କଲେ ଜଙ୍ଗଲର ମାଓବାଦୀ

ମାଲକାନଗିରି,୮/୩(ନି/ପ୍ର): ମାଓବାଦୀଙ୍କ ପାଇଁ ଆତ୍ମସମର୍ପଣ କରିବାର ଶେଷ ସୁଯୋଗ ମାର୍ଚ୍ଚ ୩୧ ତାରିଖ । ଆଉ ହାତଗଣତି କିଛି ଦିନ ରହିଗଲା । ନକ୍ସଲ ଯଦି ଜଂଗଲରୁ ବାହାରି ପୁଲିସ ନିକଟରେ ଆତ୍ମସମର୍ପଣ ନକରନ୍ତି, ତେବେ ସ୍ଥିତ ଭୟଙ୍କର ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମତ ଶାହ ପୂର୍ବରୁ ସଫା ସଫା କହିଛନ୍ତି । ସରକାରଙ୍କ ଟାର୍ଗେଟ ଯେତେ ପାଖେଇ ଆସୁଛି, ନକ୍ସଲ ସେତେ ଜଂଗଲରୁ ବାହାରି ସଂଗଠନକୁ ତ୍ୟାଗ କରି ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି । ଏହି କ୍ରମରେ ଆଜି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ସମ୍ମୁଖରେ ୧୩୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ହାଇଦ୍ରାବାଦରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ନକ୍ସଲମାନେ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ମାଓବାଦୀମାନେ ମୁଖ୍ୟମନ୍ତ୍ରୀ ନିକଟରେ ୧୨୪ଟି ଅତ୍ୟାଧୁନିକ ବନ୍ଧୁକ ହସ୍ତାନ୍ତର କରିଛନ୍ତି । ସେଥିମଧ୍ୟରୁ ଇନସାସ ଏଲଏମଜି ରାଇଫଲ ଗୋଟିଏ, ୩୧ଟି ଏକେ-୪୭, ୨୧ଟି ଇନସାସ, ୨୦ଟି ଏସଏଲଆର, ୧୮ଟି ୩୦୩, ୯ ଏମଏମ ପିସ୍ତଲ ଗୋଟିଏ, ୮ ଏମଏମ ଦୁଇଟି, ୧୮ଟି ସିଙ୍ଗଲ ସଟ୍ ବନ୍ଧୁକ, ୨ଟି ବିଜିଏଲ ସମେତ ଅନ୍ୟ ହତିଆର ମଧ୍ୟ ହସ୍ତାନ୍ତର କରାଯାଇଛି । ଏମାନଙ୍କ ମଧ୍ୟରେ ପିଏଲଜିଏ ବାଟାଲିୟନ-୧ର ଆତ୍ମସମରମ୍ପଣ କରିଥିବା ୪୨ ଜଣଙ୍କ ମଧ୍ୟରୁ କେନ୍ଦ୍ରୀୟ କମିଟି ସଦସ୍ୟ ୨ ଜଣ, ଡିଭିଜନାଲ କମିଟି ମେମ୍ବର ୩ ଜଣ, ଏସିଏମ ୧୮ ଜଣ, ପାର୍ଟି ମେମ୍ବର ୧୯ ଜଣ । ତେଲେଙ୍ଗାନା ରାଜ୍ୟ କମିଟିର ୩୦ ଜଣ ସଦସ୍ୟ ମଧ୍ୟରୁ ଡିଭିସିଏମ ୨ ଜଣ, ଏସିଏମ ୧୨ ଜଣ, ପାର୍ଟି ମେମ୍ବର ୧୬ ଜଣ । ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ୩୨ ଜଣଙ୍କ ମଧ୍ୟରୁ କେନ୍ଦ୍ରୀୟ କମିଟି ମେମ୍ବର ଜଣେ, ଡିଭିସିଏମ ୩ ଜଣ,ଏସିଏମ ୭ ଜଣ, ୨୧ ଜଣ ପାର୍ଟି ମେମ୍ବର । ସେହିପରି ଦ୍ୱିତୀୟ ସିଆରସିର ୧୬ ଜଣଙ୍କ ମଧ୍ୟରୁ ୨ ଜଣ ଡିଭିସିଏମ ସଦସ୍ୟ, ୪ ଜଣ ଏସିଏଣ ଏବଂ ୧୦ ଜଣ ପାର୍ଟି ମେମ୍ବର । ସେଟ୍ରାଂଲ କମିଟି ଷ୍ଟାଫ ୧୦ ଜଣଙ୍କ ମଧ୍ୟରୁ ଜଣେ କେନ୍ଦ୍ରୀୟ କମିଟି ସଦସ୍ୟ, ୫ ଜଣ ଏସିଏଣ ଏବଂ ୪ ଜଣ ପାର୍ଟି ମେମ୍ବର ରହିଛନ୍ତି । ଏମାନଙ୍କ ମଧ୍ୟରୁ କେନ୍ଦ୍ରୀୟ କମିଟି ମେମ୍ବରକୁ ୨୫ ଲକ୍ଷ ପୁରସ୍କାର ରହିଥିବା ବେଳେ ଡିଭିସିଏମକୁ ୫ ଲକ୍ଷ, ଏସିଏମକୁ ୪ ଲକ୍ଷ ଏବଂ ପାର୍ଟି ମେମ୍ବରକୁ ୧ ଲକ୍ଷ ଟଂକା ପୁରସ୍କାର ରହିଥିଲା । ସେହିପରି ଏଲଏମଜିକୁ ୫ ଲକ୍ଷ ଟଂକାର ପୁରସ୍କାର ରହିଥିବା ବେଳେ ଏକେ-୪୭କୁ ୪ ଲକ୍ଷ, ଇନସାସ ବନ୍ଧୁକକୁ ୨ ଲକ୍ଷ, ଏସଏଲଆର ବନ୍ଧୁକକୁ ୨ ଲକ୍ଷ, ୩୦୩ ରାଇଫଲକୁ ୧ ଲକ୍ଷ, ୟୁଜିବିଏଲକୁ ୪୦ ହଜାର ଏବଂ ୧୨ ବୋର ବନ୍ଧୁକକୁ ୩୦ ହଜାର ଟଂକା ପ୍ରଦାନ କରାଯାଇଥାଏ । ସମସ୍ତ ନକ୍ସଲଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି ।

୩୫ ପେଟି ଦେଶୀ ମଦ, କାର ଜବତ: ଚାଳକ ଫେରାର

ଧର୍ମଶାଳା,୮/୩: ହୋଲିର ପୂର୍ବତନ ବିଳମ୍ବିତ ରାତିରେ ଯାଜପୁର ଜିଲା ବ୍ରହ୍ମବରଦା ପୁଲିସକୁ ସଫଳତା । ପୁଲିସ ଚଢଉ ଭୟରେ ମଦ ସହ ଗାଡି ଛାଡି ଚାଲିଗଲା ଚାଳକ । ୩୫ ପେଟି ଦେଶୀ ମଦ ଜବତ ହୋଇଥିବା ବେଳେ କାର ଚାଚକ ଫେରାର ହୋଇଯାଇଥିବା ଜଣାପଡିଛି । । ଏହି ଘଟଣାରେ ପୁଲିସ କେସ୍ ନଂ ୪୦।୨୬ରେ ମାମଲା ରଜୁ କରି ତଦନ୍ତ ଜାରି ରଖିଥିବା ବେଳେ ତୁରନ୍ତ ଗାର ଚାଳକକୁ ଗିରଫ କରାଯିବ ବୋଲି ପୁଲିସ କହିଛି । ମିଳିଥିବା ସୂଚନା ମୁତାବକ, ହୋଲିକୁ ଦୃଷ୍ଟିରେ ରଖି କିଛି ଅସମାଜିକ ବିଭିନ୍ନ ସରକାରୀ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନରୁ ରାତି ଅଧିଆ ମଦ ଆଣି ଘର ମହଜୁଦ ରଖି ଚଢା ଦରରେ ଗ୍ରାହକକୁ ବିକ୍ରୀ କରିବା ଲକ୍ଷ୍ୟ ରଖିଥିଲେ । ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ବ୍ରହ୍ମବରଦା ଥାନା ଅଧିକାରିଣୀ କୌଣସି ମତେ ଖବର ପାଇ ତାରିଣୀଛକ ନିକଟରେ ଯିବା ସମୟରେ ଦେଶୀ କାଉଁଟରରୁ ଏକ ନାଲି ରଙ୍ଗର ମାରୁତି ଅଲଟୋ କାର ନମ୍ବର(ଓଆର୦୨ଏଏଚ୩୩୭୫) ଅଟକାଇବାକୁ ଚେଷ୍ଟା କରିଥିଲେ । କାର ଚାଳକ ଦୃତ ଗତିରେ କାରକୁ ନେଇ ଛେନାଖିଆ ପାଟଣା ଅଂଚଳ ଦେଇ ଯିବାକୁ ଚେଷ୍ଟା କରିଥିଲେ । କାର ଉକ୍ତ ରାସ୍ତାରେ ଯାଇ ନ ପାରିବାରୁ ଚାଳକ କାରକୁ ଛାଡି ଫେରାର ହୋଇଯାଇଥିଲା । ପୁଲିସ କାରଟିକୁ ଥାନାକୁ ଆଣିଥିଲା । କାର ଭିତରେ ୩୫ ପେଟି ଦେଶୀ ଆସ୍କା ଫର୍ଟି ମଦ ଥିବା ଜଣାପଡିଥିଲା ।

ବିକଶିତ ଭାରତ ଜୀ-ରାମ-ଜୀ, ୧୨୫ ଦିନ ଗ୍ରାମୀଣ ରୋଜଗାର ସଚେତନତା କର୍ମଶାଳା

ଭବାନୀପାଟଣା,୮/୩(ନି/ପ୍ର): କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଆଜି ସ୍ଥାନୀୟ ଟାଉନ ହଲଠାରେ ବିକଶିତ ଭାରତ ଜୀ-ରାମ-ଜୀ ୧୨୫ ଦିନ ଗ୍ରାମୀଣ ରୋଜଗାର ସମ୍ପର୍କିତ ଏକ ଦିନିକିଆ ସଚେତନତା କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା ଯୋଗଦେଇ ଥିଲେ । ଏହି କର୍ମଶାଳା ଆୟୋଜନର ଆଭିମୁଖ୍ୟ ଓ ଏହାର କିପରି ସଫଳ ରୂପାୟନ ହୋଇପାରିବ ସେ ସମ୍ପର୍କରେ ଅତିଥି ମାନେ ଆଲୋକପାତ କରିଥିଲେ । ଏହି ଗ୍ରାମୀଣ ରୋଜଗାର ନୂଆ ଗ୍ୟାରେଂଟି ଯୋଜନା ମଧ୍ୟରେ ଲୋକ କିପରି କାମ ପାଇ ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇ ଏହାର ସୁଫଳ ଲୋକଙ୍କ ପାଖରେ ପହଂଚିବାରେ ବ୍ଲକ ପ୍ରଶାସନ ସମସ୍ତଙ୍କ ସହିତ ସମନ୍ୱୟ ରଖି ଅଧିକ ଯତ୍ନବାନ ହୋଇ କାମ କରିବା ପାଇଁ ଆଲୋଚନା କରାଯାଇଥିଲା । ଗ୍ରାମୀଣ ସ୍ତରରେ ମନରେଗାର ସଫଳ ରୂପାୟନ ସମ୍ପର୍କରେ କିଛି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସରପଂଚ, ନିର୍ବାହୀ ଯନ୍ତ୍ରୀ ନିଜର ପାରଦର୍ଶିତା ଓ ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ । ମନରେଗା ଯୋଜନାରେ ୩୦୦ ଦିନ ଧରି କାମ କରି ଲାଭବାନ ହୋଇଥିବା ଜିଲ୍ଲାର ୧୫ ଜଣ ଅଣକୁଶଳୀ ଶ୍ରମିକଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା । ଏହି ଶିବିରରେ ଜିଲ୍ଲାର ସମସ୍ତ ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା, ପିଆରଆଇ ମେମ୍ବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ, ସରପଂଚ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଡି. ଡି. ପ୍ଲାନିଙ୍ଗ ଶ୍ରୀକାନ୍ତ ଦଳେଇ ପରିଚାଳନା କରିଥିବା ବେଳେ ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜୁନିୟର ରେଡକ୍ରସ ତାଲିମ ଶିବିର

ଭଦ୍ରକ, ୮/୩(ନି/ପ୍ର): ପି.ଏମ. ଶ୍ରୀ ଜିଲ୍ଲା ସ୍କୁଲ, ଭଦ୍ରକ ପରିସରରେ ଓଡିଶା ରାଜ୍ୟ ଜୁନିୟର ରେଡ୍‌କ୍ରସ ସହାୟତାରେ ଏବଂ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ଷାଠିଏ ଜଣ ଅଣତାଲିମପ୍ରାପ୍ତ ପରାମର୍ଶଦାତା ଓ ପରାମର୍ଶଦାତ୍ରୀଙ୍କର ଜୁନିୟର ରେଡ୍‌କ୍ରସ ତାଲିମ ଶିବିର ତିନିଦିନ ପାଇଁ ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଅଛି । ଉକ୍ତ ଶିବିରକୁ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ତଥା ବନ୍ଧଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଛନ୍ତି ଓ ତାଙ୍କୁ ସହଯୋଗ କରିଛନ୍ତି ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସଙ୍ଗଠନ ସମ୍ପାଦିକା ପାନାମଣି ବେସ୍ରା, ଯୁଗ୍ମ ସମ୍ପାଦକ ତଥା କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମ ଚରଣ ପରିଡା ଓ ଚଣ୍ଡିଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମାଝୀ । ରାଜ୍ୟ ଜୁନିୟର ରେଡକ୍ରସ୍ ସାଧନକର୍ମୀ ବାମନ ଚନ୍ଦ୍ର ମହାନ୍ତି, ବାଲେଶ୍ୱର ଉମାକାନ୍ତ ବେହେରା, ମୟୁରଭଞ୍ଜ ଓ ପୂର୍ବତନ ଜେ.ଆର.ସି. ସମ୍ପାଦକ ତଥା ଏନ.ସି. ହାଇସ୍କୁଲର ସେବାନିବୃତ୍ତ ପ୍ରଧାନଶିକ୍ଷକ ସୋମନାଥ ନାୟକ ଯୋଗଦାନ କରି ରେଡକ୍ରସ ଓ ଜୁନିୟର ରେଡକ୍ରସର ଉତ୍ପତ୍ତି ଓ ଇତିହାସ, ପ୍ରତିଷ୍ଠାତା ହେନେରୀ ଡୁନାଂଟଙ୍କ ଜୀବନୀ, ରେଡକ୍ରସ ଚିହ୍ନ, ବିଦ୍ୟାଳୟ ଠାରୁ ଆନ୍ତର୍ଜାତିକ ସଂସ୍ଥା ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ସଙ୍ଗଠନ, ଜୁନିୟର ରେଡକ୍ରସର ଲକ୍ଷ୍ୟ, ଉଦ୍ଦେଶ୍ୟ, ରେଡକ୍ରସର ମୌଳିକ ନୀତି, ବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ, ସଡକ ସୁରକ୍ଷା, ସାଇବର କ୍ରାଇମ୍, ଅଗ୍ନି ନିର୍ବାପନ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି ପ୍ରସଙ୍ଗ ଉପରେ ତାଲିମ ପ୍ରଦାନ କରିଥିଲେ । ରୁବିନା ଖାତୁନ ଓ ସୁଶାନ୍ତ କୁମାର ବିଶ୍ୱାଳ ପ୍ରାଥମିକ ଉପଚାର ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ମହେଶ୍ୱର ରାଉତ, ଅକ୍ଷୟ କୁମାର ସେଠୀ, ଶିବ ନାରାୟଣ ପତି, ଜୟଶ୍ରୀ ମିଶ୍ର, ଅରୁଣ କୁମାର ବାରିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ଦୁଇ ସାଙ୍ଗ ଏକାଠି ଯାଇଥିଲେ ପୋଖରୀ, ପାଣିରେ ବୁଡ଼ି ଚାଲିଗଲା ଉଭୟଙ୍କ ଜୀବନ

ଉଦଳା,୮/୩ (ନି/ପ୍ର): ବିଧିର ବିଧାନ, କେ କରିବ ଆନ । ଯେଣିକି ଟାଣଇ, ସେଣିକି ଯାଇ । ଏକାସାଙ୍ଗରେ ଚାଲିଗଲେ ଦୁଇ ସାଙ୍ଗ । ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ନଛିପୁର ଗାଁରେ ଏମିତି କିଛି ଘଟଣା ଘଟିଛି । ଖବର ଅନୁଯାୟୀ, ନଛିପୁର ଗାଁର ୮ ବର୍ଷର ରାଜଲକ୍ଷ୍ମୀ ଶଙ୍ଖୁଆଳ ଏବଂ ୭ ବର୍ଷର ଶୁଭସଂଧ୍ୟା ନାୟକ ଦୁଇ ଜଣ ସାଙ୍ଗ । ବେଶ୍ ହସଖୁସିରେ ଶନିବାର ଦିନ ଏକା ସାଙ୍ଗେ ଗାଁ ପୋଖରୀକୁ ଯାଇଥିଲେ । ହେଲେ କିଏ ଜାଣିଥିଲା ଦୁଇ ସାଙ୍ଗଙ୍କ ଖୁସିରେ ଲାଗିଗଲା ଗ୍ରହଣ । ପୋଖରୀରେ ଗାଧୋଇବାକୁ ଯାଇଥିବା ବେଳେ ଦୁଇ ଜଣ ପାଣିରେ ବୁଡ଼ିଯାଇଥିଲେ । ଏହାପରେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତି କରାଯାଇଥିଲା । ହେଲେ ସେତେବେଳେକୁ ହୋଇସାରିଥିଲା ବହୁ ବିଳମ୍ବ । ଏକାସାଙ୍ଗେ ଚାଲିଗଲା ଦୁଇ ସାଙ୍ଗଙ୍କ ଜୀବନ । ସେପଟେ ମୃତ୍ୟୁର ଖବର ଶୁଣି ପୁରା ପରିବାରରେ ଖେଳିଯାଇଛି ଶୋକର ଛାୟା । କାନ୍ଦବୋବାଳିରେ ଫାଟିପଡୁଛି ପୁରା ଗାଁ । ସେହିପରି କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।

ବିବିଧା



୯ରେ 'ଶିକାର'ର ଫାଷ୍ଟ ଲୁକ୍

ମାର୍ଚ୍ଚ ୨୭ରେ 'ଆfaa'ର ଶୁଭମୁକ୍ତି



ଫିଲ୍ମରୁ ଆୟ ଟଙ୍କା ଗଣିବା ପାଇଁ ମେସିନ୍

'ବିନ୍ଦୁସାଗର'ରେ ହ୍ୟୁମାନ୍‌ଙ୍କ ଶେଷ ଗୀତ

"ଭଲ ଅଭିନୟ ପାଇଁ ଧୈର୍ଯ୍ୟ ଆବଶ୍ୟକ"

୧୦୦୦ ତମ ଅଧ୍ୟାୟରେ 'ତୁ ଖରା ମୁଁ ଛାଇ'

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୯ ମାର୍ଚ୍ଚ ୨୦୨୬

ଖାଦ୍ୟ, କ୍ଷୁଧା ଓ ସମବାୟ

ଜୀବ ଜଗତ ସୃଷ୍ଟି ହେବା ଦିନଠାରୁ ବଞ୍ଚିବା ପାଇଁ ଖାଦ୍ୟର ଆବଶ୍ୟକତା ଉପଲବ୍ଧି ହୋଇ ଆସୁଛି । ସେଇଭଳି ବିଶ୍ୱରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରାଯିବା ଆବଶ୍ୟକ ହେଉଛି । ତା' ସଙ୍ଗେ ସଙ୍ଗେ ବି ଜରୁରୀ ହୋଇ ଉଠିଛି ଖାଦ୍ୟ ନିରାପତା, ଯାହା ମଣିଷ ଓ ସମାଜକୁ ସୁସ୍ଥ ଓ ସବଳ କରିଥାଏ । ତେଣୁ ଉଭୟ ଖାଦ୍ୟ ଉତ୍ପାଦନ ବୃଦ୍ଧି ଓ ଖାଦ୍ୟ ନିରାପନ୍ନା ଲକ୍ଷ୍ୟ ନେଇ ୧୯୪୫ ଅକ୍ଟୋବର ୧୬ ତାରିଖରେ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପ୍ରତିଷ୍ଠିତ ହୋଇଥିଲା ଏବଂ ପ୍ରତ୍ୟେକ ବର୍ଷ ଅକ୍ଟୋବର ୧୬ ତାରିଖଟିକୁ ବିଶ୍ୱ ଖାଦ୍ୟ ଦିବସ ଭାବରେ ପାଳନ କରାଯାଇ ସେ ଲକ୍ଷ୍ୟ ପ୍ରତି ବିଶ୍ୱବାସୀଙ୍କ ଧ୍ୟାନ ଆକର୍ଷଣ କରାଯାଇଥାଏ । ପ୍ରତ୍ୟେକ ବର୍ଷ ଖାଦ୍ୟ ଦିବସ ପାଇଁ ଗୋଟିଏ ଲେଖାଏଁ ବାର୍ତା ସ୍ଥିର କରାଯାଇ ସେ ବର୍ଷରେ ଖାଦ୍ୟ ଉତ୍ପାଦନ ଓ ଖାଦ୍ୟ ନିରାପତା ଲାଗି ମାର୍ଗଦର୍ଶନ ଦିଆଯାଇଥାଏ । କୃଷିଭିତ୍ତିକ ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରି ସେଥି ଲାଗି ବହୁସ୍ତରୀୟ ଉଦ୍ୟମ ଏବଂ ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ ଆର୍ଥିକ ଓ ବୈଷୟିକ ସହଯୋଗ ଓ ଜୀବିକାର୍ଜନ ସମ୍ପର୍କିତ ନିଷ୍ପତି ଓ କାର୍ଯ୍ୟଗୁଡ଼ିକରେ ଗ୍ରାମାଞ୍ଚଳ ଲୋକଙ୍କ ଅଂଶଗ୍ରହଣ ନିମନ୍ତେ ଉତ୍ସାହ ସୃଷ୍ଟି ହେଉଛି ବିଶ୍ୱ ଖାଦ୍ୟ ଦିବସର ପ୍ରଧାନ ଲକ୍ଷ୍ୟ । ଅନ୍ୟ ଲକ୍ଷ୍ୟଗୁଡ଼ିକ ମଧ୍ୟରେ କ୍ଷୁଧା ଓ ସମସ୍ୟା ଉପରେ ସଚେତନତା ସୃଷ୍ଟି, ଖାଦ୍ୟ ଉତ୍ପାଦନ ଲାଗି ବିକାଶଶୀଳ ଦେଶଗୁଡ଼ିକଙ୍କ ମଧ୍ୟରେ ବୈଷୟିକ ଜ୍ଞାନ ବିନିମୟ, କ୍ଷୁଧା, ପୁଷ୍ଟିହୀନତା ଓ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ ଇତ୍ୟାଦି ଅନ୍ତର୍ଭୁକ୍ତ । ସେହିଭଳି ଖାଦ୍ୟ ନିରାପତାର ଲକ୍ଷ୍ୟ ହେଉଛି, ଖାଦ୍ୟ ଉତ୍ପାଦନ ବୃଦ୍ଧି କରି ସହଜରେ ଉପଲବ୍ଧ କରାଇବା ଏବଂ ସେଥି ନିମନ୍ତେ ଲୋକଙ୍କ କ୍ରୟ ଶକ୍ତି ବଢ଼ାଇବା । ଆନ୍ତର୍ଜାତିକ, ଜାତୀୟ, ସାମାଜିକ, ସରକାରୀ, ବେସରକାରୀ, ଦ୍ୱିପାକ୍ଷିକ, ବହୁପାକ୍ଷିକ ସହଯୋଗ ଭିତ୍ତିରେ ଏସବୁ ଲକ୍ଷ୍ୟ ପୂରଣ କରିବାକୁ ବିଶ୍ୱ ଖାଦ୍ୟ ଦିବସ ସୂଚିତ କରିଥାଏ । ଖାଦ୍ୟ କହିଲେ କୃଷିଜାତ ଖାଦ୍ୟଶସ୍ୟ, ପନିପରିବା, ଫଳ, ମାଛ, ମାଂସ, ଅଣ୍ଡା ଓ କ୍ଷୀର ଇତ୍ୟାଦିକୁ ବୁଝାଇ ଥାଏ । ଆମ ଦେଶ ଓ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ସହିତ ଏସବୁର ଅଧିକ ଉତ୍ପାଦନ ଲାଗି ଉଦ୍ୟମ ହେଉଥିଲେ ବି ବର୍ତମାନର ଆବଶ୍ୟକତା ପୂରଣ ଲାଗି ଓ ସମସ୍ତଙ୍କୁ ସୁଷମ ଖାଦ୍ୟ (ପ୍ରତ୍ୟେକଙ୍କ ଲାଗି ୪୭୫ ଗ୍ରାମ ଚାଉଳ, ୫୦ ଗ୍ରାମ ଡାଲି, ୨୫୦ ଗ୍ରାମ ପରିବା, ୨୦୦ ଗ୍ରାମ ଫଳ, ୨୦୦ ଗ୍ରାମ କ୍ଷୀର, ୧୫୦ ଗ୍ରାମ ମାଛ ଓ ଶୁଦ୍ଧ ପାନୀୟ ଜଳ) ଦେବା ଲାଗି ଯଥେଷ୍ଟ ନୁହେଁ । ୧୯୫୦-୫୧ରେ ଭାରତରେ ୫ କୋଟି ଟନ୍ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଥିବା ବେଳେ ବର୍ତମାନ ଉତ୍ପାଦନ ପରିମାଣ ୨୨ କୋଟି ଟନ୍ । ବର୍ତମାନ ହାରରେ ଜନସଂଖ୍ୟା ବୃଦ୍ଧି ଅବ୍ୟାହତ ରହିଲେ ୨୦୨୫ ବେଳକୁ ୩୨ରୁ ୩୫ କୋଟି ଟନ୍ ଖାଦ୍ୟଶସ୍ୟ ଆବଶ୍ୟକ ହେବ । ବର୍ତମାନ ଗହମ, ଧାନ, ଚିନାବାଦାମ, ପନିପରିବା ଓ ଫଳ, ଆଖୁ ଉତ୍ପାଦନ କ୍ଷେତ୍ରରେ ଭାରତର ସ୍ଥାନ ବିଶ୍ୱରେ ଦ୍ୱିତୀୟ ଏବଂ ଡାଲି, ଚା' ଓ ଦୁଗ୍ଧ ଉତ୍ପାଦନ ଦୃଷ୍ଟିରୁ ପ୍ରଥମ । ୧୯୮୮-୮୯ ମସିହାରେ ଭାରତ ପ୍ରଥମେ ୭୪.୭ ନିୟୁତ ଟନ୍ ଦୁଗ୍ଧ ଉତ୍ପାଦନ କରି ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ତା' ପରଠାରୁ ସେ ସ୍ଥାନ ଅବ୍ୟାହତ ରହି ଆସିଛି ଏବଂ ୨୦୧୦-୧୧ରେ ଦେଶରେ ଦୁଗ୍ଧ ଉତ୍ପାଦନ ପରିମାଣ ଥିଲା ୧୨୧.୮ ନିୟୁତ ଟନ୍ । ଦୁଗ୍ଧ ଉତ୍ପାଦନକାରୀ ରାଜ୍ୟ ଭାବରେ ଜାତୀୟ ତାଲିକାରେ ଓଡ଼ିଶାର ସ୍ଥାନ ୧୪ରେ । ଓଡ଼ିଶା ମାଂସ ଓ ଅଣ୍ଡା ଉତ୍ପାଦନରେ ଯଥାକ୍ରମେ ନବମ ଓ ଅଷ୍ଟମ ସ୍ଥାନ ଅଧିକାର କରିଥିବା ବେଳେ ୨୦୧୧-୧୨ରେ ରାଜ୍ୟରେ ୩ ଲକ୍ଷ ୮୧ ହଜାର ୮୨୮ ଟନ୍ ମାଛ ଉତ୍ପାଦନ ହୋଇଥିଲା । କିନ୍ତୁ କୃଷି ଉତ୍ପାଦନ କ୍ଷେତ୍ରରେ ରାଜ୍ୟର ରେକର୍ଡ଼ ସନ୍ତୋଷଜନକ ନୁହେଁ । କୃଷିର ଘରୋଇ ଉତ୍ପାଦ କ୍ଷେତ୍ରରେ ପଶୁ ।ଳନର ଅବଦାନ ଶତକଡ଼ା ୩୦ ଭାଗ । ରାଜ୍ୟରେ ଖାଦ୍ୟଶସ୍ୟ, ପନି ରିବା, ଫଳ, ମାଛ, ମାଂସ ଉତ୍ପାଦନ ଲାଗି ପ୍ରଶସ୍ତ କ୍ଷେତ୍ର ଓ ଯଥେଷ୍ଟ ସୁବିଧା ସୁଯୋଗ ଥିଲେ ବି ରାଜନୈତିକ ଇଚ୍ଛାଶକ୍ତିର ଅଭାବଠାରୁ ଆରମ୍ଭ କରି ଯଥାଯଥ ଯୋଜନାର ଅଭାବ ଯାଏଁ ବିଭିନ୍ନ କାରଣ ଯୋଗୁଁ ଉତ୍ପାଦନ ଉଲ୍ଲେଖଯୋଗ୍ୟ ହୋଇପାରୁ ନାହିଁ । ରାଜ୍ୟର ମୋଟ କୃଷି ଉତ୍ପାଦନ ଉଲ୍ଲେଖଯୋଗ୍ୟ ହୋଇ ନଥିବା ବେଳେ ହେକ୍ଟର ପିଛା ହାରାହାରି ଉତ୍ପାଦନ ଜାତୀୟ ଉତ୍ପାଦନଠାରୁ ଯଥେଷ୍ଟ କମ୍ । ଏହାର ମୁଖ୍ୟ କାରଣ ହେଉଛି, ଆବଶ୍ୟକତା ଅନୁଯାୟୀ ଜଳସେଚନର ଅଭାବ ଏବଂ ଜମିର ଉର୍ବରତା କ୍ଷୟ । କୃଷି ଉତ୍ପାଦନକୁ ଉଲ୍ଲେଖଯୋଗ୍ୟ କରିବାକୁ ହେଲେ ଅନ୍ତତଃ ଶତକଡ଼ା ୫୦ ଭାଗ ଜମିକୁ ଜଳସେଚିତ କରାଯିବା ସହ ଜମିର ଉତ୍ପାଦିକା ଶକ୍ତିର ଅଭିବୃଦ୍ଧି ଲାଗି ଗବେଷଣାଲବ୍ଧ ଜ୍ଞାନର ଉପଯୋଗ କରାଯିବା ଦରକାର । କୃଷି ଉତ୍ପାଦନ ବୃଦ୍ଧି ନ ପାଇବାର ଅନ୍ୟ କେତୋଟି ପ୍ରମୁଖ କାରଣ ହେଲା, ସହରୀକରଣର ବ୍ୟାପକତା, ଶିଳ୍ପ ଓ ରାସ୍ତାଘାଟର ପ୍ରସାର । ସହର ସଂଖ୍ୟା ଓ ରାସ୍ତା ସଂଖ୍ୟା ବୃଦ୍ଧି, ଶିଳ୍ପ ପ୍ରତିଷ୍ଠା ଓ ଖଣି ଖନନ ଫଳରେ ଜଙ୍ଗଲ କ୍ଷୟ ହେବା ସହିତ ଚାଷ ଜମି ମଧ୍ୟ ହ୍ରାସ ପାଉଛି । ଜଳସେଚନ ଲାଗି ନଦୀରେ ଯାହା ବା ଜଳ ଉପଲବ୍ଧ, ସେଥିରୁ ବହୁ ଭାଗ ଶିଳ୍ପ ସଂସ୍ଥାଗୁଡ଼ିକୁ ଚାଲି ଯାଉଛି । ଶିଳ୍ପ ଓ ସହର ପ୍ରସାରଣ ଯୋଜନା କଲାବେଳେ ଖାଦ୍ୟ ଉତ୍ପାଦନ ଯେଭଳି ବ୍ୟାହତ ନହୁଏ ଓ ଉତ୍ପାଦନ ବୃଦ୍ଧି ପ୍ରକ୍ରିୟା ସଙ୍କୁଚିତ ନହୁଏ, ସେଥି ପ୍ରତି ଯଥାଯଥ ଧ୍ୟାନ ନଦେବା ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହେଉଛି । ଗୋଟିଏ କ୍ଷେତ୍ରରେ ବିକାଶ ସାଧନ ବେଳେ ଅନ୍ୟ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବା ପ୍ରକ୍ରିୟାର ଅଭାବ ଏଥିଲାଗି ଦାୟୀ । ଏସବୁ ପ୍ରତି ଯଥାଯଥ ଧ୍ୟାନ ଦିଆଗଲେ ଉତ୍ପାଦନ ପ୍ରକ୍ରିୟା ବଳିଷ୍ଠ ଓ କ୍ଷୀପ୍ର ହୋଇ ପାରିବ । ଖାଦ୍ୟ ନିରାପତା ଲାଗି କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ସକ୍ରିୟ ସମବାୟ ସମିତିଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉତ୍ପାଦନକାରୀ ସଂଗଠନ ଓ ଅନ୍ୟାନ୍ୟ ଗ୍ରାମୀଣ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ଖାଦ୍ୟ ନିରାପତା ଲାଗି ଆବଶ୍ୟକ ପଦକ୍ଷେପ ନେବା ଏହି ସମିତିଗୁଡ଼ିକର ପ୍ରାଥମିକ ଲକ୍ଷ୍ୟ । ଅଭିଜ୍ଞତାରୁ ଜଣାଯାଏ, ଖାଦ୍ୟ ନିରାପତା କ୍ଷୁଦ୍ର ଚାଷୀଙ୍କ ଲାଗି ଲାଭପ୍ରଦ ହେଉନାହିଁ । ଏ କ୍ଷେତ୍ରରେ ଖାଦ୍ୟର ଅଧିକ ମୂଲ୍ୟ ବାଧକ ହେଉଛି ।

ବିଶ୍ୱସ୍ତରୀୟ ସ୍ୱପ୍ନ

ଓଡ଼ିଶାରେ କିଛି ବର୍ଷ ହେଲା ଗୋଟିଏ ନୂଆ ଭାଇରସ ବ୍ୟାପୁଛି ଯାହାକୁ ଆପଣ 'ବିଶ୍ୱସ୍ତରୀୟ' ଭାଇରସ ବୋଲି କହି ପାରନ୍ତି । କୋଭିଡ ଠାରୁ ବି ଦ୍ରୁତ ଗତିରେ ବ୍ୟାପେ ଏହି ମହାମାରୀ । ଏହାର ଲକ୍ଷଣ ହେଲା ଯେ କୌଣସି ସରକାରୀ ପ୍ରକଳ୍ପ, ତାହା ଯେତେ ଛୋଟ ଓ ସାଧାରଣ ହୋଇ ଥାଉ ନା କାହିଁକି, ତା' ସାମନାରେ 'ବିଶ୍ୱସ୍ତରୀୟ' ଶବ୍ଦଟି ଲଗାଇ ଦେବାର ଅଦମନୀୟ ପ୍ରବୃତ୍ତି । ଏହି ସଂକ୍ରମଣର ଫଳ ସ୍ୱରୂପ ଆମର ଅନେକ ଜିନିଷ ଏବେ 'ବିଶ୍ୱସ୍ତରୀୟ' ହୋଇଗଲାଣି । ବସ୍‌ଷ୍ଟାଣ୍ଡ, ବିଶ୍ୱସ୍ତରୀୟ ! ରେଳଷ୍ଟେସନ, ବିଶ୍ୱସ୍ତରୀୟ ! ସ୍କୁଲ, ଅବଶ୍ୟ ବିଶ୍ୱସ୍ତରୀୟ ! ଫ୍ଲାଇଓଭର ତ ନିଶ୍ଚୟ ବିଶ୍ୱସ୍ତରୀୟ ! ଏପରିକି ଗୋଟିଏ ଛୋଟ ଶୌଚାଳୟ ତିଆରି ହେଲେ ମଧ୍ୟ ଏବେ ସରକାରୀ ଘୋଷଣା କରାଯାଉଛି, 'ବିଶ୍ୱସ୍ତରୀୟ ଶୌଚାଳୟର ଶୁଭ ଉନ୍ମୋଚନ !' ମଜାର କଥା ହେଲା, କେହି ପ୍ରଶ୍ନ କରନ୍ତି ନାହିଁ, ବିଶ୍ୱର କେଉଁ ସ୍ତରର କଥା କହୁଛୁ ଆମେ ପ୍ୟାରିସ୍ ଭଳି ଟୋକିଓ ଭଳି ନା ସିଙ୍ଗାପୁର ଭଳି ତେବେ ପ୍ରକୃତରେ ଆମର 'ବିଶ୍ୱସ୍ତରୀୟ'ର ମାନେ ହେଲା- ଆଗ ଠାରୁ ଟିକେ ଭଲ, ଟିକେ ରଙ୍ଗ କରା, ଦୁଇଟି ସିସିଟିଭି କ୍ୟାମେରା ଓ ଗୋଟିଏ ବଡ଼ ହୋର୍ଡିଂ ଲଗା ଯାଇଥିବ, ଯେଉଁଠି ଲେଖାଥିବ 'ବିଶ୍ୱମାନର ସୁବିଧା ଉପଲବ୍ଧ' ! ଏହି 'ବିଶ୍ୱସ୍ତରୀୟ' ଅତିରଞ୍ଜନର ଜନ୍ମଦାତା ଥିଲା ବିଜେଡି ସରକାର । ସେମାନେ ଆବିଷ୍କାର କରିଥିଲେ ଏହି ଯାଦୁକରୀ ଫର୍ମୁଲାଟି : ଯେ କୌଣସି ପୁରୁଣା ଜିନିଷରେ ନୂଆ ପେଣ୍ଟ ମାରନ୍ତୁ, କେତୋଟି ଚକଚକିଆ ସାଇନ ବୋର୍ଡ ଲଗାନ୍ତୁ, ଆଉ ଘୋଷଣା କରନ୍ତୁ 'ବିଶ୍ୱସ୍ତରୀୟ', ଅନ୍ତତଃ କାଗଜରେ ଓ ଉଦ୍‌ଘାଟନୀ ଭାଷଣରେ । 'ଭାରତକୁ ଶୀର୍ଷସ୍ଥାନୀୟ ଅର୍ଥନୀତି' ବନାଇବା ଲାଗି କେନ୍ଦ୍ର ସରକାରଙ୍କ ସ୍ୱପ୍ନ ଦେଖି ଓଡ଼ିଶା ସରକାର ଭାବିଲେ- ଆରେ, ଆମେ ମଧ୍ୟ ପାରିବୁ ! ତେଣୁ ଭାରତ ଯେତେବେଳେ 'ବିଶ୍ୱଗୁରୁ' ହେବାର ସ୍ୱପ୍ନ ଦେଖୁଛି, ଓଡ଼ିଶା ସେତେବେଳେ ପ୍ରତ୍ୟେକ ବସ୍ ?ଷ୍ଟାଣ୍ଡ ଓ ଶୌଚାଳୟକୁ ବିଶ୍ୱମାନର କରିବାରେ ବ୍ୟସ୍ତ । ପ୍ରତ୍ୟେକ ପ୍ରକଳ୍ପ ଯେମିତି ଗୋଟିଏ ବଲିଉଡ୍ ଫିଲ୍ମ- ବିରାଟ 'ହାଇପ୍', ଜମାଣିଆ ପ୍ରିମିଅର, ତା' ପରେ ସାମୂହିକ ବିସ୍ମୃତି ! କିନ୍ତୁ, ଏହି 'ବିଶ୍ୱସ୍ତରୀୟ' ପ୍ରକଳ୍ପଗୁଡ଼ିକର ଅସଲ ସମସ୍ୟା ଠିକ୍ ? ମଝି ରାସ୍ତାରେ ଗାଡ଼ିର ତେଲ ସରିଯିବା ଭଳି ! ନୂଆ ଆଉ ଏକ 'ବିଶ୍ୱସ୍ତରୀୟ' ପ୍ରକଳ୍ପ ମିଡିଆ ସାମନାକୁ ଆସିଯାଏ । ଗତ କାଲିର 'ବିଶ୍ୱସ୍ତରୀୟ ବସ୍ ?ଷ୍ଟାଣ୍ଡ' ଆଜି ନୂଆ 'ବିଶ୍ୱସ୍ତରୀୟ ଷ୍ଟାଡିଅମ' ଯୋଗୁଁ ଖବରକାଗଜ ପୃଷ୍ଠାରୁ ଉଭେଇ ଯାଏ । ପରେ 'ବିଶ୍ୱସ୍ତରୀୟ ମେଟ୍ରୋ' ପ୍ରକଳ୍ପ କଥା ପଡ଼ିଲେ ଷ୍ଟାଡିଅମ ଆପଣା ଛାଏଁ ଅପସରି ଯାଏ । ଏମିତି ଚାଲେ- ଗୋଟିଏ ପରେ ଗୋଟିଏ 'ବିଶ୍ୱସ୍ତରୀୟ' ଘୋଷଣା । କିନ୍ତୁ ଛଅ ମାସ ପରେ ସେ ଦିନର ଚକଚକିଆ ଟାଇଲ ବର୍ତ୍ତମାନ ଧୂଳିଧୂସରିତ । ସିସିଟିଭି କ୍ୟାମେରା କାମ କରୁନାହିଁ । ବିଶ୍ୱ ମାନର ଶୌଚାଳୟରେ ତାଲା ପଡ଼ିଲାଣି କୋଉ ଦିନରୁ । କାରଣଟା ସ୍ପଷ୍ଟ । ଉଦ୍ ?ଘାଟନ ବେଳେ ଫଟୋ ସେସନ ହୁଏ, ରକ୍ଷଣାବେକ୍ଷଣ ବେଳର ଗୋଟିଏ ବି ଫଟୋ ଉଠାଯାଏ ନାହିଁ ! ତେଣୁ ନିଯୁକ୍ତ କର୍ମଚାରୀଙ୍କ ଆଗ୍ରହ ଶୂନ୍ୟ ହୋଇଯାଏ । ଫଳାଫଳ ଗତକାଲିର 'ବିଶ୍ୱସ୍ତରୀୟ' ସ୍ଥାନଟି ଆଜି ଅପରିଷ୍କାର ଓ ପରିତ୍ୟକ୍ତ । ବର୍ତମାନ ଭାବିବାର କଥାଟି ହେଲା, ବିଶ୍ୱରେ ଓଡ଼ିଶା ନାମ କମାଏ କେମିତି ? 'ବିଶ୍ୱସ୍ତରୀୟ ବସ୍‌ଷ୍ଟାଣ୍ଡ' କିମ୍ବା 'ବିଶ୍ୱସ୍ତରୀୟ ଡାକ୍ତରଖାନା' ପାଇଁ ନା ! ବିଶ୍ୱ ଓଡ଼ିଶାକୁ ଚିହ୍ନେ ଦାନ ମାଝୀ ମାଧ୍ୟମରେ, ଯେଉଁ ଲୋକଟି ତା'ର ମୃତ ପତ୍ନୀକୁ କାନ୍ଧରେ ନେଇ ମାଇଲ ପରେ ମାଇଲ ଚାଲିଥିଲା କାରଣ ତାକୁ କୌଣସି 'ବିଶ୍ୱସ୍ତରୀୟ ଆମ୍ବୁଲାନ୍‌ସ' ମିଳି ନ ଥିଲା । ବିଶ୍ୱ ଓଡ଼ିଶାକୁ ଚିହ୍ନେ ସେହି ଦାଦନ ଶ୍ରମିକମାନଙ୍କ ମାଧ୍ୟମରେ ଯେଉଁମାନେ ନିଜ ଜନ୍ମମାଟିକୁ ମୃତ ଦେହ ହୋଇ ଫେରି ଆସନ୍ତି । ସେମାନେ ଦିନେ ଅନ୍ୟ ରାଜ୍ୟକୁ ଯାଇଥିଲେ ରୋଜଗାରର ଆଶାରେ, ଅଥଚ ଫେରି ଆସିଲେ କାଠ ବାକ୍‌ସରେ । ଓଡ଼ିଶା 'ବିଶ୍ୱସ୍ତରୀୟ' ଡାକ୍ତରଖାନାକୁ ନେଇ ଅନ୍ତର୍ଜାତୀୟ ମିଡିଆ ରିପୋର୍ଟ ସୃଷ୍ଟି କରେ ନାହିଁ, କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଗାଁରେ ଜଣେ ଅନୁସୂଚିତ ଜାତିର ଆଙ୍ଗନୱାଡ଼ି କର୍ମୀ ଖାଇବା ରାନ୍ଧୁଛନ୍ତି ବୋଲି ଯେତେବେଳେ ଗାଁ ଲୋକେ ତିନି ମାସ ଧରି ନିଜ ପିଲାମାନଙ୍କୁ ମିଡ୍-ଡେ ମିଲ୍ ଖାଇବାକୁ ଛାଡ଼ନ୍ତି ନାହିଁ, ତାହା ବିଶ୍ୱସ୍ତରୀୟ ଖବର ପାଲଟି ଯାଏ । ବିଶ୍ୱସ୍ତରୀୟର ଅର୍ଥ କେବଳ ଚକଚକିଆ ଇମାରତ ନୁହେଁ । ବିଶ୍ୱସ୍ତରୀୟର ମାନେ ହେଲା, ଯେଉଁଠି ଦାନ ମାଝୀଙ୍କୁ ତାଙ୍କ ପତ୍ନୀଙ୍କୁ କାନ୍ଧରେ ବୋହି ନେବାକୁ ପଡ଼େ ନାହିଁ; ଯେଉଁଠି ଆମ୍ବୁଲାନ୍‌ସ ସତରେ ଏବଂ ଠିକଣା ସମୟରେ ଆସେ; ଯେଉଁଠି ଦରିଦ୍ର ଶ୍ରମିକମାନଙ୍କୁ ଦାଦନ ଖଟିବାକୁ ଯାଇ ମରିବାକୁ ପଡ଼େ ନାହିଁ; ଯେଉଁଠି ସ୍କୁଲର ମିଡ୍-ଡେ ମିଲ୍‌ରେ ସତରେ ପୁଷ୍ଟିକର ଖାଦ୍ୟ ମିଳେ; ଯେଉଁଠି ସ୍କୁଲ ପିଲାମାନେ ଜାତିଭେଦ କାରଣରୁ ଖାଦ୍ୟରୁ ବଞ୍ଚିତ ହୁଅନ୍ତି ନାହିଁ ଓ ଯେଉଁଠି ଡାକ୍ତରଖାନାରେ ଡାକ୍ତର ଥାଆନ୍ତି, କେବଳ ହୋର୍ଡିଂ ନୁହେଁ । କିନ୍ତୁ ଏସବୁ 'ବିଶ୍ୱସ୍ତରୀୟ' ବିଷୟ କମ୍ ଚଟପଟିଆ । ଏଗୁଡ଼ିକୁ ନେଇ ଭଲ ଫଟୋ ସେସନ ହୁଏ ନାହିଁ । ହୋର୍ଡିଂରେ ବିଜ୍ଞାପନ ଭଲ ଆସେ ନାହିଁ କି ମିଡିଆକୁ ଭଲ ବାଇଟ୍ ଦେଇ ହୁଏ ନାହିଁ । ତେଣୁ ଆମେ ବସ୍‌ଷ୍ଟାଣ୍ଡ ଆଉ ଫ୍ଲାଇଓଭର୍ ବନାଇବାରେ ବ୍ୟସ୍ତ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଶିକ୍ଷା ବ୍ୟବସ୍ଥା ଯେଉଁ ଚୁଲିକୁ ଯାଉଛି ଯାଉ । ଦେଖନ୍ତୁ, ସ୍ୱପ୍ନ ଦେଖିବା ଖରାପ ନୁହେଁ । ଓଡ଼ିଶା ବିଶ୍ୱମାନର ହେଉ, ଏହା ଆମେ ସମସ୍ତେ ଚାହୁଁ । କିନ୍ତୁ 'ବିଶ୍ୱସ୍ତରୀୟ' ଶବ୍ଦ ଲଗାଇ ଦେଲେ କିଛି ବିଶ୍ୱ ମାନର ହୋଇଯାଏ ନାହିଁ । ପ୍ରକୃତ ବିଶ୍ୱ ମାନର ହେବାକୁ ହେଲେ ଦୀର୍ଘ ମିଆଦି ଯୋଜନା, ସତ୍ୟତା, ସ୍ୱଚ୍ଛତା ଆଉ ଠିକ୍ ? ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦିଆଯିବା ଦରକାର । ପ୍ୟାରିସ୍ କିମ୍ବା ଟୋକିଓ ଗୋଟିଏ ଦିନରେ ବିଶ୍ୱମାନର ହୋଇନାହାନ୍ତି । ସେମାନେ ପ୍ରତ୍ୟେକଟି ପ୍ରକଳ୍ପ ସମାପ୍ତ କରିଛନ୍ତି, ତା'ପରେ ତାହାର ଯତ୍ନ ନେଇଛନ୍ତି । ଆମେ ଆମେ ଦଶଟା ପ୍ରକଳ୍ପ ଆରମ୍ଭ କରୁ, ଗୋଟିଏ ମଧ୍ୟ ଠିକ୍ ଭାବେ ସମାପ୍ତ କରୁ ନାହିଁ, ରକ୍ଷଣାବେକ୍ଷଣ ତ ଦୂରର କଥା ! ତେଣୁ ପରାମର୍ଶ : ପରବର୍ତୀ 'ବିଶ୍ୱସ୍ତରୀୟ' ପ୍ରକଳ୍ପ ଘୋଷଣା କରିବା ପୂର୍ବରୁ, ଗତ ପାଳିର 'ବିଶ୍ୱସ୍ତରୀୟ' ଜିନିଷଟା ଆଡ଼କୁ ଥରେ ଦେଖନ୍ତୁ । ବର୍ତମାନ ତାହା ବିଶ୍ୱ ମାନର ଅଛି ତ ? ନା ଭୂତକୋଠିରେ ପରିଣତ ହୋଇଗଲାଣି ?

ବାର୍‌ହା ଶିକାର

ଇରାନ ଉପରେ ଆକ୍ରମଣ କରିବାର ଅବ୍ୟବହିତ ପୂର୍ବରୁ କେହି ଜଣେ ଦୂରଦର୍ଶୀ ଶୁଭଚିନ୍ତକ ଅବା ଟ୍ରମ୍ପଙ୍କୁ କହି ଦେଇ ଥାଆନ୍ତା କି 'ବୁର୍ଜ ଖଲିଫା' ନିର୍ମିତ ହେଉଥିବା ଦେଶଗୁଡ଼ିକରେ 'ବଙ୍କର' ନିର୍ମାଣ ସକାଶେ ଅବକାଶ ନ ଥାଏ, ଯେଉଁଠି ଯୁଦ୍ଧ କାଳରେ ହୁଏତ ଆତ୍ମ ଗୋପନ କରି ହୁଅନ୍ତା ? କିନ୍ତୁ ଟ୍ରମ୍ପଙ୍କ ଭଳି ଜଣେ ହାଲୁକା ବାର୍‌ହା ଶିକାରୀ ଏଭଳି ପରାମର୍ଶ ଗ୍ରହଣ କରନ୍ତେ କି ନାହିଁ, ତାହା ମଧ୍ୟ ସନ୍ଦେହର ବିଷୟ ! ସପ୍ତାହକ ତଳେ ଇରାନ ଉପରେ ଇସ୍ରାଏଲ ଓ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ସଂଘଟିତ ମିଳିତ ଆକ୍ରମଣ ଯେ ତା'ର ପରିଣାମ ସ୍ୱରୂପ ସମଗ୍ର ମଧ୍ୟ-ପ୍ରାଚ୍ୟ ଭୂଖଣ୍ଡକୁ ଯୁଦ୍ଧର ଅନଳ ମଧ୍ୟକୁ ନିକ୍ଷେପ କରି ପକାଇବ, ତାହା ହୁଏତ ଉଭୟ ଇସ୍ରାଏଲ ଓ ଆମେରିକା ଅନୁମାନ କରି ପାରି ନ ଥିବେ ! ଏହା ସୁବିଦିତ ଯେ ଏହି ଆକ୍ରମଣ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେବାକୁ ଯାଇ, ଗଲା ଛଅ ଦିନ ମଧ୍ୟରେ, ଡୋନାଲ୍‌ଡ ଟ୍ରମ୍ପ ଅନ୍ତତଃ ତିନିଟି ଅଲଗା ଅଲଗା ମୂଳ କାରଣ ଦର୍ଶାଇ ସାରିଲେଣି । କେବଳ ସେତିକି ନୁହେଁ, ଆମେରିକାରେ ଏକ ଦୃଢ଼ ବ୍ୟାଖ୍ୟାନ ମଧ୍ୟ ସୃଷ୍ଟି ହେଲାଣି ଯେ ଆମେରିକା ପ୍ରକୃତରେ ଇସ୍ରାଏଲ ସକାଶେ ଯୁଦ୍ଧ ଲଢ଼ୁଛି; ଅତ୍ୟନ୍ତ ମୂଲ୍ୟବାନ ଯୁଦ୍ଧ ସରଂଜାମ ଓ ଭିତିଭୂମିର ବିନଷ୍ଟ, ସୈନିକମାନଙ୍କ ପ୍ରାଣପାତ, ଅର୍ଥନୈତିକ ଚାପ ଏବଂ ସମ୍ମାନ ହାନି ପ୍ରେକ୍ଷାପଟରେ ଏଭଳି ଏକ ଯୁଦ୍ଧ ଆମେରିକା ସକାଶେ ନିତାନ୍ତ ଅନାବଶ୍ୟକ । କହିବା ବାହୁଲ୍ୟ ଯେ ମାତ୍ର ଦିନେ ବା ଦୁଇ ଦିନ ମଧ୍ୟରେ ଇରାନକୁ ନତଜାନୁ କରି ସେଠାରେ ଭେନେଜୁଏଲା ସଦୃଶ କ୍ଷମତା ପରିବର୍ତନ କରାଇବାର ଉଦ୍ୟମ, ଜଣେ ଅର୍ବାଚୀନ ଶିକାରୀ ହାଲୁକା ମନରେ ବାର୍‌ହା ଶିକାର କରିବାକୁ ବାହାରି ପଡ଼ିଥିବା ଭଳି ଦିଶିଥାଏ, ଯେଉଁ ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୁଏ । ବିଶେଷଜ୍ଞମାନଙ୍କ ମତରେ ସାଂପ୍ରତିକ ଇରାନ ଆଉ ୧୯୫୩ ମସିହାର ଇରାନ ଭଳି ହୋଇ ରହି ନାହିଁ, ଯେଉଁ ସମୟରେ ବ୍ରିଟେନ ଓ ଆମେରିକାର ମିଳିତ ଉଦ୍ୟମରେ, ଅପରେସନ ଆଜାକ୍ ?ସ ମାଧ୍ୟମରେ, ସେଠାକାର ନିର୍ବାଚିତ ରାଷ୍ଟ୍ରପତି ମହମ୍ମଦ ମୋସାଦେଗଙ୍କୁ ଗାଦିଚ୍ୟୁତ କରି ପାଶ୍ଚାତ୍ୟ ଅନୁଗତ ଶାହ ବଂଶର ଦାୟାଦଙ୍କୁ କ୍ଷମତାରୂଢ଼ କରାଯାଇପାରିଥିଲା । ପ୍ରକାଶ ଥାଉ କି ୧୯୭୯ ମସିହାରେ, ଆୟୋତୋଲ୍ଲା ରୁହୋଲ୍ଲା ଖୋମେନେଇଙ୍କ ନେତୃତ୍ୱରେ, ତୀବ୍ର ପାଶ୍ଚାତ୍ୟ ବିରୋଧୀ ଏବଂ ଧର୍ମୀୟ ମୌଳବାଦ ଆଧାରିତ ବିଶାଳ ଜନ ବିଦ୍ରୋହ ଦ୍ୱାରା, ୧୯୭୯ ମସିହାରେ ମହମ୍ମଦ ରେଜା ପହଲବୀ ବିତାଡ଼ିତ ହେବା ପରେ, ସେଠାକାର ରାଜନୈତିକ ଅନୁଷ୍ଠାନଗୁଡ଼ିକରେ ମୌଳବାଦୀ ବିଚାର ଏଭଳି ଭେଦି ସାରିଛି ଯେ ସେଠାରେ ପୁନର୍ବାର ପାଶ୍ଚାତ୍ୟ ଅନୁଗାମୀମାନଙ୍କ ଶାସନର ଆଶା ଏକ ଦିବା ସ୍ୱପ୍ନ ସୁଲଭ ଲାଗିଥାଏ । କେବଳ ସେତିକି ନୁହେଁ, ଇରାନର ନାଗରିକ ସମାଜ ପ୍ରାୟ ସଂପୂର୍ଣ୍ଣ ରୂପେ ସିହା (୯୫%) ସଂପ୍ରଦାୟଭୁକ୍ତ ହୋଇଥିବାରୁ ଆସ୍ଥା ଦୃଷ୍ଟିରୁ ଅବିଭାଜ୍ୟ ହୋଇଥାଆନ୍ତି ଏବଂ ତୀବ୍ର ଜାତୀୟତାବୋଧ ହେତୁ କୌଣସି ବାହ୍ୟ ଶକ୍ତି ଦ୍ୱାରା ସେମାନଙ୍କ ରାଷ୍ଟ୍ରର ସାର୍ବଭୌମତ୍ୱର ହନନ ସେମାନଙ୍କ ସକାଶେ ଅସହନୀୟ ହୋଇଥାଏ; ଯେଉଁ କାରଣରୁ ଇରାକ ଦ୍ୱାରା ଅଧିକୃତ ଆପଣା ଅଞ୍ଚଳ ଦଖଲ କରିବା ଲାଗି ଇରାନ ୮ ବର୍ଷରୁ ଅଧିକ କାଳ (୧୯୮୦-୮୮) ଯୁଦ୍ଧରେ ବ୍ୟାପୃତ ରହିବାର ଦୃଢ଼ତା ପ୍ରଦର୍ଶନ କରି ସାରିଛି । ଆମେରିକା-ଇସ୍ରାଏଲର ଆକ୍ରମଣରେ ଇରାନର 'ସୁପ୍ରିମ ଲିଡର' ଚଉରାଅଶୀ ବର୍ଷ ବୟସ୍କ ଆୟୋତୋଲ୍ଲା ଖାମେନେଇଙ୍କ ନିଧନ ପରେ ସିହା ସଂପ୍ରଦାୟର ବିଶ୍ୱାସ ଅନୁସାରେ ସେ ଜାତି ଓ ଧର୍ମ ସକାଶେ 'ସହିଦତ୍ୱ' ଲାଭ କରିଛନ୍ତି । ଏଭଳି 'ସହିଦତ୍ୱ' ଏକ ପରମ ଅଭିଳଷିତ ଲକ୍ଷ୍ୟ ହୋଇଥିବାରୁ ଏକ ସଂଘାତ କାଳରେ ୯.୫ କୋଟି ଇରାନୀୟଙ୍କ ମଧ୍ୟରେ ଆତ୍ମବଳି ଦେବାକୁ ପ୍ରସ୍ତୁତ ପଦାତିକମାନଙ୍କ ଊଣା ନ ଘଟିବା ସ୍ୱାଭାବିକ, ଯାହା ଏହି ଯୁଦ୍ଧକୁ ଅତ୍ୟନ୍ତ ବିଭୀଷିକାମୟ କରିବାର ଆଶଙ୍କା ଅଧିକ । ସେହି ବିଶେଷଜ୍ଞମାନଙ୍କ ମତରେ, ଖୁବ୍ ସମ୍ଭବ, ଏଭଳି କେତେକ ବିଶେଷ ବିଷୟକୁ ନଜରଅନ୍ଦାଜ କରି ଆମେରିକା ଯୁଦ୍ଧରେ ପ୍ରବେଶ କରିଥିବା ହେତୁ ଆବଶ୍ୟକ ହେଲେ ଯୁଦ୍ଧରୁ ପ୍ରସ୍ଥାନ କରିବାର ଦ୍ୱାର ଉନ୍ମୁକ୍ତ ରଖିବା ବିଷୟ ପାସୋରି ଯାଇଛି । ତେଣୁ ଇରାନ ଉପରେ ଅଧିକରୁ ଅଧିକ ଆକ୍ରମଣ କରି ତାକୁ ଶ୍ୱାସରୁଦ୍ଧ କରିଦେବାର ଉଦ୍ୟମ ଛଡ଼ା ହୁଏତ ଅନ୍ୟ କୌଣସି ଗତ୍ୟନ୍ତର ନାହିଁ । କିନ୍ତୁ, ଏହା ଆମେରିକା ସକାଶେ କିଭଳି କ୍ଷତିକାରକ ହେଲାଣି, ତାହା ଗଲା ସାତ ଦିନର ଯୁଦ୍ଧରୁ ହୃଦ୍‌ବୋଧ କରି ହୋଇଥାଏ । ଆହତ ବାରହାକୁ ଅନୁଧାବନ କରୁଥିବା ଅସଂଖ୍ୟ ଶିକାରୀ ସାକ୍ଷ୍ୟ ଦେଇଥାନ୍ତି କିଭଳି ଅପେକ୍ଷାକୃତ କ୍ଷୁଦ୍ର ଶରୀର ସତ୍ତ୍ୱେ ଶେଷ ରକ୍ତ ବିନ୍ଦୁ ଯାଏ ଲଢ଼ିବାର ଜିଦି ଏକ ଆହତ ବାରହାକୁ ସିଂହ ଠାରୁ ମଧ୍ୟ ଅଧିକ ବିପଜ୍ଜନକ ଓ ପ୍ରାଣଘାତୀ କରିପାରେ । ଏଠାରେ ପ୍ରଣିଧାନଯୋଗ୍ୟ ଯେ ଇରାନର ଜାତଶତ୍ରୁ ହୋଇଥିବା କାରଣରୁ ଏ ଯୁଦ୍ଧ ହୁଏତ ଇସ୍ରାଏଲ ସକାଶେ ଆକାଂକ୍ଷିତ ଥିଲା; କିନ୍ତୁ, ସର୍ବେକ୍ଷଣ ଅନୁସାରେ ପ୍ରାୟ ୪୦% ଆମେରିକୀୟଙ୍କ ଧାରଣା ଯେ ଆମେରିକା ସକାଶେ ଏହା ଅନାବଶ୍ୟକ, କାରଣ ସାତ ହଜାର ମାଇଲ ଦୂରବର୍ତ୍ତୀ ଏକ ରାଷ୍ଟ୍ରରୁ ଆମେରିକା ପ୍ରତି ବିପଦ (ଟ୍ରମ୍ପ କହୁଥିବା ଭଳି)ର କୌଣସି ଆଶଙ୍କା ଦିଶି ନ ଥାଏ । ସୁତରାଂ, ଏଭଳି ଏକ ଯୁଦ୍ଧରେ ଆମେରିକୀୟ ଜୀବନ, ଅର୍ଥ ଓ ସମ୍ମାନର କ୍ଷୟ ଅହେତୁକ ଭଳି ମନେ ହେବା ସ୍ୱାଭାବିକ । ହୁଏତ ଟ୍ରମ୍ପ ମଧ୍ୟ ସେଭଳି କିଛି ହୃଦୟଙ୍ଗମ କରୁଥିବେ, କିନ୍ତୁ, ସମସ୍ୟା ହେଲା, ଏହି ଅପରିଣାମଦର୍ଶୀ ଯୁଦ୍ଧରୁ ପ୍ରସ୍ଥାନ କରିବାରେ ଟ୍ରମ୍ପଙ୍କୁ ତାଙ୍କ ଅହମିକା ବାଧା ଦେବ । ଇତିମଧ୍ୟରେ ଇରାନକୁ ଘେରି ରହିଥିବା ଆମେରିକାର ମିତ୍ର ଅରବ ରାଷ୍ଟ୍ରଗୁଡ଼ିକ ଇରାନର ଘାତକ କ୍ଷେପଣାସ୍ତ୍ର ଆକ୍ରମଣରେ ଦଗ୍ଧୀଭୂତ ହେବାରେ ଲାଗିଛନ୍ତି, ଯେଉଁ ଅନୁଭୂତି ସେମାନଙ୍କ ସକାଶେ ସଂପୂର୍ଣ୍ଣ ନୂଆ ଏବଂ ଅପ୍ରତ୍ୟାଶିତ ମଧ୍ୟ । ସେମାନେ ହୁଏତ ଏଭଳି ସ୍ଥିତିରେ ସୁରକ୍ଷା ସକାଶେ ଆମେରିକା ଆଡ଼କୁ ଦୃଷ୍ଟି ପକାନ୍ତେ; କିନ୍ତୁ, ବିଡ଼ମ୍ବନା ହେଲା ଆମେରିକା ହିଁ ଏଭଳି ଏକ ଅନାହୂତ ପରିସ୍ଥିତିର କାରଣ ଏବଂ ସ୍ୱୟଂ ଯୁଦ୍ଧରେ ନିମଗ୍ନ ଥିବାରୁ ସହାୟତା କରିବା ସକାଶେ ବର୍ତମାନ ଅସମର୍ଥ ଏବଂ ହୁଏତ ଅନାଗ୍ରହୀ ମଧ୍ୟ । କହିବା ବାହୁଲ୍ୟ ଯେ ଏହା ଯଦି କେବଳ ଇସ୍ରାଏଲର ଯୁଦ୍ଧ ହୋଇଥାଆନ୍ତା, ତେବେ, ଆରବ ରାଷ୍ଟ୍ରଗୁଡ଼ିକ ଇରାନୀ ଆକ୍ରମଣର ଶରବ୍ୟ ହୋଇ ନ ଥାଆନ୍ତେ ! କେବଳ ସେତିକି ନୁହେଁ, ଇରାନ ପକ୍ଷରୁ ହର୍ମୁଜ ପ୍ରଣାଳିକୁ ଅବରୋଧ କରି ଦିଆଯିବା ପରେ ଆରବ ରାଷ୍ଟ୍ରଗୁଡ଼ିକର ୭୦% ଖଣିଜ ତୈଳର ରପ୍ତାନି ଅସମ୍ଭବ ହୋଇ ପଡ଼ିଛି, ଯାହା ଦୂର ନ ହେଲେ ସେମାନଙ୍କ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ଯାଇପାରେ । ଏହି କାରଣରୁ ସମଗ୍ର ପୃଥିବୀରେ ତୈଳ ଦର ମାତ୍ରାଧିକ ବୃଦ୍ଧି ପାଇ ତୀବ୍ର ମୁଦ୍ରାସ୍ଫୀତିକୁ ଜନ୍ମ ଦେଇପାରେ; ଯେଉଁ କାରଣରୁ ଏହି ଯୁଦ୍ଧ ସଂପ୍ରତି ଚାଲିଥିବା ଅନ୍ୟାନ୍ୟ ଯୁଦ୍ଧ ଠାରୁ ଭିନ୍ନ ଏବଂ ଅଧିକ ଭୟାବହ ମଧ୍ୟ । ଏଣେ, ଡୋନାଲ୍ ?ଡ ଟ୍ରମ୍ପଙ୍କ ଦ୍ୱାରା ଅପମାନିତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଏହି ଯୁଦ୍ଧରେ ପାରଂପରିକ ଭାବେ ଆମେରିକାର ପକ୍ଷଭୁକ୍ତ ହୋଇନାହାନ୍ତି; 'ନାଟୋ' ମଧ୍ୟ ଏ ଯୁଦ୍ଧରେ ଏ ଯାବତ୍ ଜଡ଼ିତ ହୋଇନାହିଁ । ଏହାର ଅର୍ଥ ଅନେକ ମିତ୍ର ରାଷ୍ଟ୍ରଙ୍କ ମଧ୍ୟରେ ଆମେରିକା ପ୍ରତି ପୂର୍ବର ଉଷ୍ମ ଅନ୍ତରଙ୍ଗତା ନ ଥିବା ବେଳେ ଆଉ କେତେକ ମିତ୍ର ରାଷ୍ଟ୍ର ଆମେରିକାର ନିର୍ଭରଯୋଗ୍ୟତା ନେଇ ଦ୍ୱନ୍ଦ୍ୱଗ୍ରସ୍ତ ହେଲେଣି । କହିବା ବାହୁଲ୍ୟ, ପୃଥିବୀର ସର୍ବାଧିକ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ସକାଶେ ଏଭଳି ସମ୍ମାନ କ୍ଷୟ ମଧ୍ୟ ଏକ ନୂତନ ଅନୁଭୂତି ! କେବଳ ସେତିକି ନୁହେଁ, ଗଲା ପ୍ରାୟ ବର୍ଷଟିଏ ଧରି ୧୧ଟିରୁ ଅଧିକ ଯୁଦ୍ଧ ବନ୍ଦ କରାଇଥିବାର ଅକ୍ଲାନ୍ତ ଆସ୍ଫାଳନ କରି ଚାଲିଥିବା ଟ୍ରମ୍ପଙ୍କ ସକାଶେ ନିଜେ ଆରମ୍ଭ କରିଥିବା ଯୁଦ୍ଧରୁ ପ୍ରସ୍ଥାନର ବାଟ ନ ପାଇବା ମଧ୍ୟ ଏକ ନୂତନ ଅନୁଭୂତି ହେଉଥିବ ଅବା ! ଆଉ ଏକ ବାସ୍ତବତା ହେଲା, ସାଉଦି ଆରବ ବା 'ୟୁ.ଏ.ଇ.' ବା କାତାର ବା ଆବୁଧାବି; ଏଭଳି ଦେଶଗୁଡ଼ିକ ଦୀର୍ଘକାଳୀନ ଶାନ୍ତି, ଅପରିମେୟ ସମୃଦ୍ଧି ଓ ଆମେରିକା ପ୍ରଦତ୍ତ ସୁରକ୍ଷାର ପ୍ରତିଶ୍ରୁତି କାରଣରୁ ସେମାନଙ୍କ ସମର ପାରଙ୍ଗମତା ଓ ସଂଘାତ ମଧ୍ୟରେ ତିଷ୍ଠି ରହି ଲଢ଼ି ପାରିବାର ଦୃଢ଼ତା ହରାଇ ସାରିଛନ୍ତି । ଦୁବାଇ ବା ଦୋହା ବା ସାରଜାହ ଭଳି ଧନାଢ୍ୟ ମହାନଗରଗୁଡ଼ିକ ସମଗ୍ର ପୃଥିବୀର ସ୍ୱପ୍ନ ବିଳାସୀମାନଙ୍କ ସକାଶେ ବାସ, ବୃତ୍ତି, ବ୍ୟବସାୟ ଓ ବିପଣିର ଅଭୟ ଅମରାବତିରେ ପରିଣତ ହୋଇଥିବା ବେଳେ ସାଂପ୍ରତିକ ଯୁଦ୍ଧର ଘନଘଟା ସେମାନଙ୍କୁ ପଳାୟନ ଉନ୍ମୁଖ କରିଛି । କିନ୍ତୁ ବିମାନ ଚଳାଚଳ ସଂପୂର୍ଣ୍ଣ ରଦ୍ଦ ହୋଇଯାଇଥିବାରୁ ସେମାନଙ୍କ ଲାଗି ମଧ୍ୟ ପ୍ରସ୍ଥାନର ଦ୍ୱାର ବନ୍ଦ ! ସୁତରାଂ, ସେମାନେ ମଧ୍ୟ କିଂକର୍ତବ୍ୟବିମୂଢ଼ ! ଇରାନ ଉପରେ ଆକ୍ରମଣ କରିବାର ଅବ୍ୟବହିତ ପୂର୍ବରୁ କେହି ଜଣେ ଦୂରଦର୍ଶୀ ଶୁଭଚିନ୍ତକ ଅବା ଟ୍ରମ୍ପଙ୍କୁ କହି ଦେଇ ଥାଆନ୍ତା କି 'ବୁର୍ଜ ଖଲିଫା' ନିର୍ମିତ ହେଉଥିବା ଦେଶଗୁଡ଼ିକରେ 'ବଙ୍କର' ନିର୍ମାଣ ସକାଶେ ଅବକାଶ ନ ଥାଏ, ଯେଉଁଠି ଯୁଦ୍ଧ କାଳରେ ହୁଏତ ଆତ୍ମ ଗୋପନ କରି ହୁଅନ୍ତା ? କିନ୍ତୁ ଟ୍ରମ୍ପଙ୍କ ଭଳି ଜଣେ ହାଲୁକା ବାରହା ଶିକାରୀ ଏଭଳି ପରାମର୍ଶ ଗ୍ରହଣ କରନ୍ତେ କି ନାହିଁ, ତାହା ମଧ୍ୟ ସନ୍ଦେହର ବିଷୟ !

ଷ୍ଟିଭ ଜବ୍‌ସଙ୍କ ବିନ୍ଦୁ



ଇତିମଧ୍ୟରେ ଗଭୀର ଭାବେ ମ୍ରିୟମାଣ ଭିନେଶ କୁସ୍ତିରୁ ଅବସର ଘୋଷଣା କରି ଦେଇଛନ୍ତି । ପଦକଶୂନ୍ୟ ଭାବେ ସେ ଭାରତକୁ ପ୍ରତ୍ୟାବର୍ତ୍ତନ କରିବେ ନିଶ୍ଚୟ, କିନ୍ତୁ ୟୁଇ ଶୁଶାକିଙ୍କ ସମେତ ଆଉ ଦୁଇ ଜଣ ବିଶ୍ୱସ୍ତରୀୟ କୁସ୍ତି ଖେଳାଳିଙ୍କୁ ସେ ପରାସ୍ତ କରିଥିବାର ବାସ୍ତବତାର ବିଲୟ କଦାପି ଘଟିବ ନାହିଁ । କାରଣ ୟୁଇ ଶୁଶାକି ଓ ଅନ୍ୟମାନଙ୍କୁ ପରାସ୍ତ କଲା ବେଳକୁ ତାଙ୍କ ଓଜନ ଥିଲା ୪୯.୯ କିଲୋଗ୍ରାମ ! ଗଲା ବୁଧବାର ଦିନ ଭାରତୀୟ ମହିଳା ମଲ୍ଲଯୋଦ୍ଧା ଭିନେଶ ଫୋଗଟଙ୍କ ଜୀବନରେ ଯେଉଁ ଅତ୍ୟନ୍ତ ନିଦାରୁଣ ହୃଦୟ-ଭଗ୍ନକାରୀ ଘଟଣାଟି ଘଟିଗଲା, ତା' ଉପରେ ସମ୍ୟକ ଦୃଷ୍ଟିପାତ କଲେ 'ଆପଲ୍ ?' କଂପାନିର ପ୍ରତିଷ୍ଠାତା ଷ୍ଟିଭ ଜବ୍‌ସଙ୍କ ପ୍ରସିଦ୍ଧ ଉକ୍ତିଟିଏ ସ୍ମରଣକୁ ଆସିଥାଏ ଯେ କୌଣସି ଘଟଣା ଘଟିଗଲା ପରେ ପଶ୍ଚାତ୍-ଅବଲୋକନ କରି ତାହା ପଛରେ ରହିଥିବା କାରଣର ବିନ୍ଦୁଗୁଡ଼ିକୁ ଯୋଡ଼ି ଚାଲିଲେ ଅଗତ୍ୟା ସଂପୂର୍ଣ୍ଣ ଚିତ୍ରଟିକୁ ଦେଖି ହୋଇଥାଏ, ଯାହା ହୁଏ'ତ ପ୍ରତୀତ ହୋଇପାରେ ନିୟତିର ବିଧାନ ଭଳି ! ତେବେ, ସେ ଯାହା ହେଉ, ସୁଦୂର ପ୍ୟାରିସ୍ ?ରେ ଭିନେଶ ଭୋଗିଥିବା ଦୁର୍ଭାଗ୍ୟ ଅବଲୀଳା କ୍ରମେ ସମଗ୍ର ରାଷ୍ଟ୍ରକୁ ଗଭୀର ବିଷଣ୍ଣତା ମଧ୍ୟକୁ ଠେଲି ଦେଇଛି; କୁସ୍ତିରେ ସ୍ୱର୍ଣ୍ଣ ପଦକ ଜିଣିବାର ଅତୁଲ୍ୟ ସ୍ୱପ୍ନ ସଂଚାର କରିଥିବା ଭିନେଶ ସଂପୂର୍ଣ୍ଣ ରିକ୍ତ ହସ୍ତରେ ସ୍ୱଦେଶ ବାହୁଡ଼ିବାକୁ ବାଧ୍ୟ ହୋଇଛନ୍ତି । କେବଳ ସେତିକି ନୁହେଁ, ଏହା ପଛରେ ଷଡ଼ଯନ୍ତ୍ର ରହିଛି ବୋଲି ବିରୋଧୀ ଦଳଙ୍କ ଦ୍ୱାରା ସୃଷ୍ଟ ଉଚ୍ଚାଟ ଦ୍ୱାରା ସନ୍ଦେହର ଯେଉଁ ଘନ କୁହୁଡ଼ି ଘୋଟି ଆସିଛି, ତହିଁରେ ପରିଷ୍କାର ଦୃଷ୍ଟି ସକାଶେ ଏ ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଏହା ବର୍ତ୍ତମାନ ସୁବିଦିତ ଯେ ୫୦ କିଲୋଗ୍ରାମ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ପାଇଁ ଚୂଡ଼ାନ୍ତ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ପୂର୍ବରୁ ହୋଇଥିବା ଓଜନ ମାପରେ ଭିନେଶଙ୍କ ଓଜନ ମାତ୍ର ଶହେ ଗ୍ରାମ ଅଧିକ ଥିବା ଦୃଷ୍ଟିରୁ ତାଙ୍କୁ ସଂପୂର୍ଣ୍ଣ ଟୁର୍ନାମେଣ୍ଟ ଲାଗି ଅଯୋଗ୍ୟ ଘୋଷଣା କରି ଦିଆଗଲା । ଏହା ସହିତ ପ୍ରଥମ ଦିନର ପ୍ରାରମ୍ଭିକ ତିନିଟି କୁସ୍ତି ମ୍ୟାଚ୍‌ରେ ଭିନେଶଙ୍କ ଚମକପ୍ରଦ ପ୍ରଦର୍ଶନ ମଧ୍ୟ ନିରର୍ଥକ ହୋଇଯାଇଛି, ଯହିଁରେ ଅନ୍ତର୍ଭୁକ୍ତ କ୍ରମାଗତ ୮୨ଟି ମଲ୍ଲଯୁଦ୍ଧରେ ଅପରାଜେୟ ରହି ଆସିଥିବା ବିଶ୍ୱ ଓ ଅଲିଂପିକ୍ ଚାଂପିଅନ ତଥା କିମ୍ବଦନ୍ତିକ ଜାପାନୀ ମଲ୍ଲଯୋଦ୍ଧା ୟୁଇ ଶୁଶାକିଙ୍କ ପରାଜୟ । ଅନେକଙ୍କ ଦୃଷ୍ଟିରେ ଏଭଳି ନିଷ୍ପତ୍ତି ଅତ୍ୟନ୍ତ ନିଷ୍ଠୁର ହୋଇଥିଲେ ହେଁ ଏହା ହିଁ ଅଲିଂପିକ ମଲ୍ଲଯୁଦ୍ଧର ନିୟମ, ଯାହା ଅନୁସାରେ ଦୁଇ ଦିନର ଏହି କୁସ୍ତି ମ୍ୟାଚ୍‌ଗୁଡ଼ିକୁ ଗୋଟିଏ ଶୃଙ୍ଖଳା ବୋଲି ବିଚାର କରାଯାଏ, ଯହିଁରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଓଜନ ସର୍ବମୋଟ ଦୁଇ ଥର ମାପ କରାଯାଇଥାଏ ଏବଂ ଯଦି କୌଣସି ଖେଳାଳି ଅଗତ୍ୟା ଦ୍ୱିତୀୟ ତଥା ଚୂଡ଼ାନ୍ତ ଓଜନ ମାପରେ ବିଫଳ ହୁଅନ୍ତି, ତେବେ ତାଙ୍କ ସକାଶେ ପ୍ରଥମ ଦିନର ଶ୍ରେୟଗୁଡ଼ିକ ମଧ୍ୟ ମୂଲ୍ୟହୀନ ହୋଇଯାଆନ୍ତି । ସୁତରାଂ, ପ୍ରଥମ ଦିନ ୪୯.୯ କେ.ଜି. ଓଜନ ଧାରଣ କରି ଅତ୍ୟନ୍ତ ସଫଳତାର ସହିତ ପଦକ ବିଜୟ ଯାତ୍ରା ପ୍ରାରମ୍ଭ କରିଥିବା ବିନେଶ ଦ୍ୱିତୀୟ ଓ ଚୂଡ଼ାନ୍ତ ଓଜନ ମାପରେ ୫୦.୧ କେ.ଜି. ହୋଇଯାଇ ଅଯୋଗ୍ୟ ଘୋଷିତ ହୋଇଛନ୍ତି । ତେବେ, ଏଠାରେ ଉଲ୍ଲେଖନୀୟ ଯେ ବିଶ୍ୱ କୁସ୍ତି ଚାଂପିଅନସିପ୍ ବା ଅନ୍ୟ ଅନ୍ତର୍ଜାତୀୟ କୁସ୍ତି ପ୍ରତିଦ୍ୱନ୍ଦ୍ୱିତାରେ ୨ କେ.ଜି.ର ଅଧିକ ଓଜନ ସହନୀୟ ହୋଇଥିବା ବେଳେ ଅଲିଂପିକ୍‌ସରେ ଅଣୁ ଅଂଶର ଆଧିକ୍ୟକୁ ମଧ୍ୟ ବରଦାସ୍ତ କରାଯାଇ ନ ଥାଏ । ତେଣୁ ଭିନେଶଙ୍କ ସକାଶେ ସମ୍ଭାବନାର ସମସ୍ତ ଦ୍ୱାର ଅବରୁଦ୍ଧ ହୋଇଯାଇଥିଲା । ଏବେ ପ୍ରଥମ ପ୍ରଶ୍ନ ଉଠିଥାଏ ଯେ ପୁଷ୍ଟି ବିଶେଷଜ୍ଞ, ଡାକ୍ତର ଓ ଫିଜିଓଥେରାପିଷ୍ଟ ଇତ୍ୟାଦିଙ୍କୁ ଘେନି ଏକ ସମର୍ପିତ ସହାୟକ ଦଳ ଥିବା ସତ୍ତ୍ୱେ ଏଭଳି ବିଚ୍ୟୁତି ଘଟିଲା କେମିତି ? ପ୍ରଥମ କଥା ହେଲା ମଲ୍ଲ ଓ ମୁଷ୍ଟି ଯୋଦ୍ଧାମାନଙ୍କ ଏଭଳି ନିଖୁଣ ଓଜନ ବଜାୟ ରଖିବା ଆହାର, ଅଭ୍ୟାସ ଓ ଶୟନର ଅତ୍ୟନ୍ତ ସୂକ୍ଷ୍ମ ଓ ଜଟିଳ ଶୃଙ୍ଖଳା ଲୋଡ଼ିଥାଏ । ଏଥର ଭିନେଶଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥିଲା ଯେ ସେ ତାଙ୍କର ପ୍ରିୟ ୫୩ କେ.ଜି. ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ନ କରି ୫୦ କେ.ଜି. ଓଜନ ବର୍ଗରେ ଅଂଶ ଗ୍ରହଣ କରିବା ଲାଗି ସ୍ଥିର କରିଥିଲେ, ଯାହାର ଅର୍ଥ ତାଙ୍କ ହାରାହାରି ଓଜନ ୫୬ କେ.ଜି.ରେ ପ୍ରାୟ ୭ କେ.ଜି. ହ୍ରାସ ଘଟାଇବା ତାହା ପୁଣି ଛଅ ମାସର ପ୍ରସ୍ତୁତି ଅବଧିରେ । ଏହି ଉଦ୍ୟମରେ ତାଙ୍କ ଶରୀର ଅତ୍ୟନ୍ତ ଶୁଷ୍କ ଓ କ୍ଷୁଧିତ ସ୍ଥିତିରେ ରହିଥିଲା । ଏଭଳି ସ୍ଥଳେ ଅଧିକ କ୍ୟାଲୋରିର ଆହାର ତତ୍‌କ୍ଷଣାତ୍ ଶରୀରର ଓଜନରେ ବୃଦ୍ଧି ଘଟାଇଥାଏ । ସୁତରାଂ, ପ୍ରଥମ ଦିନର ମ୍ୟାଚ୍‌ଗୁଡ଼ିକ ପୂର୍ବରୁ ଅଧିକ ଶକ୍ତି ଆହରଣ ଲାଗି ଭିନେଶ କରିଥିବା ଉଚ୍ଚ କ୍ୟାଲୋରିଯୁକ୍ତ ଭୋଜନ ତାହା ହିଁ ଘଟାଇଥିଲା, ଯହିଁରେ ମାତ୍ର ଗୋଟିଏ ଦିନରେ ତାଙ୍କ ଓଜନରେ ୨.୭ କେ.ଜି. ବୃଦ୍ଧି ହୋଇଯାଇଥିଲା । ତେଣୁ ସେଥିରେ ତୁରନ୍ତ ସଂକୋଚନ ଆଣିବା ଲାଗି ସେ ଓ ତାଙ୍କ ସହାୟକ ଦଳ ସାରା ରାତି ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ହେଁ ମାତ୍ର ଶହେ ଗ୍ରାମର ଅତିରିକ୍ତ ଓଜନ ବଳି ପଡ଼ିଥିଲା, ହୁଏତ ଗୋଟିଏ ସାବୁନର ଓଜନତୁଲ୍ୟ ମାମୁଲି, ଅଥଚ ପାଦ ତଳୁ ମାଟି ଖସାଇଦେଲା ଭଳି ! ଓଜନ ହ୍ରାସର 'କର ବା ମର' ଉଦ୍ୟମ କ୍ରମରେ ଭିନେଶଙ୍କ କେଶଗୁଚ୍ଛକୁ କଟା ଯାଇଥିଲା, ଶରୀରକୁ ସଂପୂର୍ଣ୍ଣ ଜଳଶୂନ୍ୟ କରି ଦିଆଯାଇଥିଲା, ଏପରିକି କିଛି ରକ୍ତ ବାହାର କରି ନେବାର ପ୍ରଚେଷ୍ଟା ମଧ୍ୟ ହୋଇଥିଲା, ଯାହା ତାଙ୍କ ପ୍ରାଣ ପ୍ରତି ବିପଦ ସୃଷ୍ଟି କରିଥିଲା । କିନ୍ତୁ ଶହେ ଗ୍ରାମର ଓଜନ ତଥାପି ଅଟଳ ରହିଯାଇଥିଲା ! ଏବେ ଦ୍ୱିତୀୟ ପ୍ରଶ୍ନ ହେଲା, ଭିନେଶ ନିଜର ପ୍ରିୟ ୫୩ କେ.ଜି. ଓଜନ ବର୍ଗରେ ନ ଖେଳି ୫୦ କେ.ଜି. ଓଜନ ବର୍ଗରେ ଅଂଶ ଗ୍ରହଣ କରିବାର ନିଷ୍ପତ୍ତି ନେଲେ କାହିଁକି ? ଏହା ତାଙ୍କର ପସନ୍ଦ ଥିଲା ନା ଥିଲା ଏକ ବାଧ୍ୟବାଧକତା ଏଠାରେ ଆଲୋଚନାକୁ ଆସିଥାଏ ଗଲା ବର୍ଷ ଦିଲ୍ଲୀ ସଡ଼କରେ ଭିନେଶ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ତଥା ଅଲିଂପିକ୍ ? ପଦକ ବିଜେତା ମଲ୍ଲଯୋଦ୍ଧାମାନଙ୍କର ପ୍ରାୟ ଏକ ବର୍ଷ ବ୍ୟାପୀ ପ୍ରତିବାଦ ଧାରଣା, ଯାହାର କେନ୍ଦ୍ର ବିନ୍ଦୁ ଥିଲା ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପିର ବାହୁବଳୀ ସାଂସଦ ବ୍ରିଜଭୂଷଣ ଶରଣ ସିଂହଙ୍କ ଦ୍ୱାରା ମହିଳା କୁସ୍ତିବିତ୍‌ମାନଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡ଼ନର ଅଭିଯୋଗ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**

Mobile : 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

CITY OFFICE: B/204, SECTOR-16, ROURKELA, Pin :769003

ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା ଅନୁଷ୍ଠିତ

ଝାରସୁଗୁଡ଼ା,୮/୩(ନି/ପ୍ର):ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହ ପରିସରରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ 'ସୂଚନା ଅଧିକାର ଆଇନ, ୨୦୦୫' କର୍ମଶାଳା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲାସ୍ତରୀୟ କର୍ମଶାଳାରେ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଏକ ଦିନିକିଆ କର୍ମଶାଳାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି. ଆର ରାଘବେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିଆରସିଂହ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ନିଜ ଅଭିଭାଷଣରେ କହିଥିଲେ ଯେ, ଆରଟିଆଇ ମାଧ୍ୟମରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ବୃଦ୍ଧି ହେବା ସହ ନାଗରିକମାନେ ସରକାରୀ ଯୋଜନା ବିଷୟରେ ସିଧାସଳଖ ତଥ୍ୟ ପାଇପାରିବେ। ଏହି ଆଇନ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିଥାଏ। ବିଶେଷ କରି 'ସେକ୍ସନ ୪' ଅନୁଯାୟୀ ସ୍ୱତଃପ୍ରବୃତ ସୂଚନା ପ୍ରଦାନ ଉପରେ ଗୁରୁତ୍ୱ ଦେଲେ ନାଗରିକଙ୍କ ବିଶ୍ୱାସ ବୃଦ୍ଧି ପାଇବା ସହ ଆବେଦନ ସଂଖ୍ୟା ମଧ୍ୟ ହ୍ରାସ ପାଇବ। ଏହାକୁ ଏକ ବୋଝ ନଭାବି ସେବା ପ୍ରଦାନର ଏକ ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।ସେହିଭଳି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି. ଆର ରାଘବେନ୍ଦ୍ର କହିଥିଲେ ଯେ, ଆରଟିଆଇ କୁ କେବଳ ଆଇନଗତ ପ୍ରକ୍ରିୟା ବା ଅଭିଯୋଗ ପଦ୍ଧତି ଭାବେ ନଦେଖି ଏକ ଉନ୍ନତ 'ମ୍ୟାନେଜମେଂଟ ସିଷ୍ଟମ' ଭାବେ ଗ୍ରହଣ କରିବା ଉଚିତ। ପୋଲିସ ବିଭାଗରେ ଏହାର ପ୍ରଭାବଶାଳୀ ରୂପାୟନ ଏକ ଜନ-କୈନ୍ଦ୍ରିକ ପ୍ରଶାସନ ଗଠନ କରିବାରେ ସହାୟକ ହେବ। ଏହି କର୍ମଶାଳାରେ ୧୦୦ ରୁ ଉର୍ଦ୍ଧ୍ୱ ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ, ଡେପୁଟି କଲେକ୍ଟର ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଲୁମିନସ ପ୍ରାଇଭେଟ୍ ଲିମିଟେଡର ପ୍ରଶିକ୍ଷକ ରଞ୍ଜନ କୁମାର ବକ୍ସି ସୂଚନା ଅଧିକାର ଆଇନ ରେ ଦରଖାସ୍ତ ଗ୍ରହଣ ଅନଲାଇନ ରେ ସମସ୍ତ ପ୍ରକ୍ରିୟା ସମ୍ପାଦାନ କୌଶଳ, କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ନିମିତ ଆବଶ୍ୟକ ରେଜିଷ୍ଟର ଲିପିବଦ୍ଧ କରିବା, ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ ଆଦି ପ୍ରଦର୍ଶିତ କରିବା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳ ଓ ଅତିଥିମାନଙ୍କ ଦ୍ୱାରା ନଗଦ ଅର୍ଥରାଶି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଶ୍ନୋତର ଅଧିବେଶନରେ ଅଧିକାରୀ ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଡେପୁଟି କଲେକ୍ଟର ସୌମେଶ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ବଲପୁର ତପସ୍ୱନୀ ହଲରେ ଉତରାଂଚଳ ରେଂଜ ପୋଲିସ ପକ୍ଷରୁ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରୋଧ ସଂପର୍କିତ ଆଂଚଳିକ କର୍ମଶାଳା

ସଶକ୍ତ ନାରୀ ସଶକ୍ତ ଦେଶ କର୍ମଶାଳା

ପୁରୀ,୮/୩(ନି/ପ୍ର): ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ସହଯୋଗରେ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଆଜି ପୂର୍ବାହ୍ନରେ ତିନି ଦିନିଆ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଶୁଭାରମ୍ଭ କରିବା ସହ ଆତ୍ମସୁରକ୍ଷା ସମସ୍ତଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତା ବୋଲି କହିଥିଲେ। ବିଶେଷ କରି ପଢୁଥିବା ବା କର୍ମଜୀବି ମହିଳା ମାନଙ୍କ କ୍ଷେତ୍ରରେ ଆତ୍ମସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ। ନିଜକୁ ଦକ୍ଷ କରିବା, ସାହସୀ ହେବା, ପରିସ୍ଥିତିର ମୁକାବିଲା ପାଇଁ ମନୋବଳ ଦୃଢ କରିବା, ଭୟ ପରିହାର କରି କୌଶଳପୂର୍ଣ୍ଣ ଭାବେ ଯେ କୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ଶ୍ରୀ ସେଠୀ ଅନୁରୋଧ କରିଥିଲେ। ପ୍ରଥମେ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷକ ସତ୍ୟଭାମା ଦଳାଇ ପ୍ରଶିକ୍ଷଣ ଦେଇଥିଲେ। ପରେ କ୍ୟାରିଅର ଗଠନ ଓ ନେତୃତ୍ୱ ନେବାର ଦକ୍ଷତା ସମ୍ପର୍କରେ ଶିକ୍ଷାବିତ ସୁକାନ୍ତ କୁମାର ମହାନ୍ତି ଓ ସମାଜସେବୀ ତଥା ଦି ବେଲ ଅନୁଷ୍ଠାନର ମୁଖ୍ୟ ସିଦ୍ଧାର୍ଥ ରାୟ ବିଭିନ୍ନ ଉଦାହରଣ,।

ରଜତ ସ୍ମାରକୀ କ୍ରିକେଟ ଟୁର୍ନାମେଂଟ ଉଦ୍‌ଘାଟିତ

ସମ୍ବଲପୁର,୮/୩(ନି/ପ୍ର): ସମ୍ବଲପୁର ମହାନଗର ନିଗମ ଧନକଉଡ଼ା ଖେଳ ପଡିଆ ଠାରେ ଡ଼ିଏକ୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଚତୁର୍ଥ ରଜତ ସ୍ମାରକୀ କ୍ରିକେଟ ଟୁର୍ନାମେଂଟ ଶନିବାର ଉଦଘାଟିତ ହୋଇଯାଇଛି ଓ ଟୁର୍ନାମେଂଟିକୁ ରତ୍ନାକର ବେହେରା ଯୁବକ ସଂଘର ସମ୍ପାଦକ ତଥା ସମାଜସେବୀ ଶ୍ରୀ ହୀରାଲାଲ ବେହେରା ମୁଖ୍ୟ ଅତିଥି ଓ ସାମ୍ବାଦିକ ସରୋଜ ସାହୁ, ଆଖଣ୍ଡଳ ପଣ୍ଡା, ପର୍ଶୁରାମ ପଣ୍ଡା, ସୁକାନ୍ତ ସାହୁ ଅଙ୍ଗଦ ସ୍ୱାଇଁ ଯୋଗଦେଇ ଫିତାକାଟି ଉଦଘାଟନ କରିଥିଲେ ଓ ଏହି ଉଦଘାଟନ ଉତ୍ସବରେ କ୍ରିକେଟ କ୍ଲବର ସଭାପତି ଚିନ୍ମୟ ଦାସ, ନୀଳମଣି ସାହୁ, କୁନା ସୁସାରୀ, ଆକାଶ କୁମାର ସାହୁ, ସାଗର ଦାସ, ଗୌତମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ଓ ଗେମ୍ ଚେଞ୍ଜର ଓ ବ୍ଲେକ ଟାଇଗର କ୍ରିକେଟ ଟିମ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଓ ଟୁର୍ନାମେଂଟରେ ସମୁଦାୟ ୧୬ ଟି ଦଳ ଅଂଶ ଗ୍ରହଣ କରିଛନ୍ତି ଓ ଆସନ୍ତାକାଲି ରବିବାର ଅପରାହ୍ନ ୪ ଟା ସମୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ଓ ଟୁର୍ନାମେଂଟରେ ସପନ ଖତ୍ରୀ ଓ ରମେଶ ଚନ୍ଦ୍ର ନାୟକ ଅମ୍ପେୟାର ଦାୟିତ୍ୱ ତୁଲାଇ ଥିବା ବେଳେ ସ୍କୋରର ଆରଆର ସ୍ୱୋର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । ଟୁର୍ନାମେଂଟ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟ ମାନେ ସହଯୋଗ କରୁଛନ୍ତି ।

ଅବସରପ୍ରାପ୍ତ ତହସିଲଦାର ବିପିନ ବିହାରୀ ପଟ୍ଟନାୟକଙ୍କ ପରଲୋକ



ସମ୍ବଲପୁର,୮/୩(ନି/ପ୍ର): ସମ୍ବଲପୁର କାୟସ୍ଥ ପରିବାର ଓ ଚିତ୍ରଗୁପ୍ତ କଲ୍ୟାଣ ସଂଘ ର ପ୍ରତିନିଧି ତଥା ଅବସରପ୍ରାପ୍ତ ତହସିଲଦାର ମହାନ୍ତିପଡ଼ା ନିବାସୀ ବିପିନ ବିହାରୀ ପଟ୍ଟନାୟକ ଙ୍କ ଶନିବାର ପୂର୍ବାହ୍ନ ୧୧.୪୦ ମିନିଟ ସମୟରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା । ପୂର୍ବରୁ ତାଙ୍କ ର ପତ୍ନୀ ଓ ପୁତ୍ର ଙ୍କ ଦେହାନ୍ତ ହୋଇଥିବା ବେଳେ ଶେଷ ସମୟ ରେ ବୋହୁ, ନାତି,ନାତୁଣି, ଦୁଇ ଝିଅ ଜ୍ୱାଇଁ ସମେତ ପରିବାର ର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ । ସେ କର୍ମତତ୍ପର ରହି ବିଭିନ୍ନ ସମାଜ ସେବା କାର୍ଯ୍ୟ ରେ ନିଜକୁ ନିୟୋଜିତ କରିପାରିଥିଲେ । ଅନ୍ତିମ ଶୋଭାଯାତ୍ରା ରେ ସହରର ବୁଦ୍ଧିଜୀବୀ ତଥା ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ । ବିପିନ୍ ସାରଙ୍କ ବିୟୋଗ ରେ ବିଭିନ୍ନ ସଂଗଠନ ତଥା ପ୍ରତିଷ୍ଠାନ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

ଏକ ଦିବସୀୟ ଜାତୀୟ ସଂଗୋଷ୍ଠୀ ଅନୁଷ୍ଠିତ

ବଲାଙ୍ଗୀର,୮/୩(ନି/ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀରରେ ସ୍ନାତକୋତର ଇତିହାସ ବିଭାଗ ତରଫରୁ 'ଯୁଗ ଯୁଗ ଧରି ଓଡ଼ିଶା: ସାମାଜିକ, ସାଂସ୍କୃତିକ ଇତିହାସର ପୁନଃନିର୍ମାଣ' ଶୀର୍ଷକ ଏକ ଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ଆଲୋଚନାଚକ୍ରଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅରବିନ୍ଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ନିଜେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଏ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଓମପ୍ରକାଶ ସିଂହ, ଇତିହାସ ବିଭାଗ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ, ସମ୍ମାନିତ ଅତିଥି ଭାବେ ଡ଼ଃ ବିନୟ କୁମାର ଜେନା, ଅବସର ପ୍ରାପ୍ତ ପ୍ରାଧ୍ୟାପକ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର, ଆବାହକ ତଥା ବିଭାଗୀୟ ମୁଖ୍ୟ ଡଃ ମିନତୀ ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ ଡ଼ଃ ଅର୍ପିତା ବେହେରା ଓ ଏ ଅବସରରେ ଆଇ.କ୍ୟୁ. ଏ. ସି.ସଂଯୋଜକ ବିଭୁତି ଭୂଷଣ ସାହୁ, ଅଧ୍ୟାପକ ଡ଼ଃ ସିଦ୍ଧେଶ୍ୱର ପଧାନ ମଂଚାସୀନ ଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଅର୍ପିତା ପରିଚ୍ଛା। ଉଦ୍‌ଘାଟନ ସତ୍ର ପରେ ଅନୁଷ୍ଠିତ ସମାନ୍ତର ଆଲୋଚନାଚକ୍ରରେ ଡଃ ସୁଦାମ ଦୀପ, ଡଃ ରାଜେଶ ସାହୁ, ଡଃ ପ୍ରକାଶ ଦେବତା, ଡଃ ସଦାନନ୍ଦ ନାୟକ, ଡଃ ଅମରେଶ ସାହୁ, ଡଃ ରାଜେଶ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ରହି ନିଜ ମତାମତ ପ୍ରଦାନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ବୈଷୟିକ ଅଧିବେଶନ ତିନିଟି ପ୍ରକୋଷ୍ଠରେ ସମସ୍ତ ଗବେଷକ ତଥା ବିଷୟ ବିଶେଷଜ୍ଞମାନେ ନିଜ ନିଜ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ଭୁବନେଶ୍ୱର ଛତ୍ରିଆ, ଅଧ୍ୟାପିକା ପ୍ରତୀକ୍ଷା ପ୍ରତିଶୃତି ପ୍ରମୁଖ ସତ୍ର ସଂଚାଳନ କରିଥିଲେ। ମୋଟ ପ୍ରବନ୍ଧ ୪୫ଟି ପାଠ କରାଯାଇଥିଲା। ସମାପନ ସତ୍ରରେ ଡଃ ସଦାନନ୍ଦ ନାୟକ, ପ୍ରାଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଓଡ଼ିଶାର ସାଂସ୍କୃତିକ ଇତିହାସର ବିଭିନ୍ନ ଦିଗ ଉପରେ ଆଲୋକପାତ ଥିଲେ। ଶେଷ ଅଧ୍ୟାପକ ଦିନେଶ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ରେଭେନସା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ, ବଲାଙ୍ଗୀର, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନିପାଟଣା ପ୍ରମୁଖ ଅନୁଷ୍ଠାନର ଗବେଷକମାନେ ଯୋଗଦେଇ ଥିଲେ। ଅଧ୍ୟାପକ ଅଜିତ କୁମାର ପଣ୍ଡା, ରାକେଶ ମଲ୍ଲିକ, ଦେବଦତ ପାଣିଗ୍ରାହୀ, ସିଦ୍ଧାର୍ଥ ଦାଶ, ସୁଚେତା ଦୋରା ପ୍ରମୁଖ ସହଯୋଗ କରିଥିଲେ। ମଂଚ ସଂଚାଳନ ଅଧ୍ୟାପକ ଡଃ ସିଦ୍ଧେଶ୍ୱର ପଧାନ କରିଥିଲେ। ଏହିଅବସରରେ ସଂଗୋଷ୍ଠୀ ସ୍ମରଣିକା ତଥା ନ୍ୟୁଜ ବୁଲେଟିନ୍ ଉନ୍ମୋଚନ କରାଯାଇଥିଲା।

ବଲାଙ୍ଗୀର ଜିଲ୍ଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗୀର,୮/୩(ନି/ପ୍ର): ବଲାଙ୍ଗୀର ଜିଲ୍ଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଗୌରବ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ଏବଂ ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ମଂଚାସୀନ ଥିଲେ। ଜିଲ୍ଲାପାଳ ସମସ୍ତ ବିଭାଗର ଅଧିକାରୀଙ୍କ ସହ ଗ୍ରୀଷ୍ମ ପ୍ରବାହରୁ ବର୍ତିବା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଅଂଶୁଘାତ ଉପଶମ ଗୃହର ସୁଚାରୁ ପରିଚାଳନା ଲାଗି ଆବଶ୍ୟକ ନିଷ୍ପତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଅନ୍ୟ ଜରୁରୀ କାର୍ଯ୍ୟଗୁଡିକୁ ଗୁରୁତର ସହିତ ତୁଲାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗରମ ସମ୍ବନ୍ଧୀୟ ରୋଗ ପରିଚାଳନା ପାଇଁ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ଦେବାକୁ ନିଷ୍ପତି ହୋଇଛି। ପାନୀୟ ଜଳ ସୁବିଧା ସୁନିଶ୍ଚିତ କରିବା, ଜଳ ଅଭାବ ଅଂଚଳ ଚିହ୍ନଟ, ନଳକୂପ ରକ୍ଷଣାବେକ୍ଷଣ ଓ ପାଇପ୍ ଜଳ ସରବାହ ପାଇଁ ସମ୍ବନ୍ଧିତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପାଣି, ଓମର ଚବମଳ ବ୍ୟବସ୍ଥା, ବସ୍‌ଷ୍ଟାଣ୍ଡରେ ବିଶ୍ରାମସ୍ଥଳୀ ଓ ବିଭିନ୍ନ ଛକରେ ପାନୀୟ ଜଳ ସେବା କେନ୍ଦ୍ରର ବ୍ୟବସ୍ଥା ଏବଂ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଶୁପକ୍ଷୀଙ୍କ ପାଇଁ ଚହଲା ଖୋଳିବାକୁ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା। ଗରମର ପ୍ରଭାବକୁ ଦୃଷ୍ଟିରେ ରଖି କୃଷି ଉତ୍ପାଦନ କ୍ଷେତ୍ରରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା କୃଷି ଅଧିକାରୀଙ୍କୁ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ବନ୍ୟପ୍ରାଣୀ ଓ ପଶୁପକ୍ଷୀଙ୍କ ପାଇଁ ପାଣି ସୁବିଧା ସୁନିଶ୍ଚିତ କରିବା, ପୋଖରୀ ଓ ଜଳାଶୟ ନିର୍ମାଣ ସହ ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ବନ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଠପଢା ଓ ପରୀକ୍ଷା ଆଦି ସକାଳ ସମୟରେ ରଖିବାକୁ ନିଷ୍ପତି ହୋଇଛି। ବିଦ୍ୟାଳୟରେ ନିରବଚ୍ଛିନ୍ନ ପାନୀୟ ଜଳ ସୁବିଧା ସୁନିଶ୍ଚିତ କରିବା ସହିତ ବାହ୍ୟ କାର୍ଯ୍ୟକଳାପକୁ ପ୍ରତିବନ୍ଧିତ କରାଯାଇଛି, ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ଗରମ ପ୍ରଭାବରୁ ସୁରକ୍ଷିତ ରହିପାରିବେ। ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ପରିବହନ ସେବାରେ ବିଶେଷ ଯତ୍ନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ଯିବା ସମୟରେ ପିଲାମାନଙ୍କୁ ନିହାତି ଭାବେ ପାଣି ବୋତଲ ଦେବା ପାଇଁ ଅଭିଭାବକମାନଙ୍କୁ ସଚେତନ କରାଯିବ। ଛାତ୍ରଛାତ୍ରୀମାନଙ୍କୁ ଗରମ ତରଙ୍ଗ ସମ୍ପର୍କରେ ସତର୍କତା ସୂଚନା ଦେବାକୁ ମଧ୍ୟ ନିଷ୍ପତି ହୋଇଛି। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟ ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ କରାଯିବ। ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଝାଞ୍ଜି ପବନରୁ ରକ୍ଷା ପାଇବା ବିଷୟରେ ସଚେତନତା ସୃଷ୍ଟି କରାଯିବ। ଏହି ସମସ୍ତ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରମିକଙ୍କ ସୁରକ୍ଷା ପାଇଁ କାର୍ଯ୍ୟ ସମୟରେ ପରିବର୍ତନ କରାଯାଇଛି, କାର୍ଯ୍ୟସ୍ଥଳରେ ପାଣି, ବିଶ୍ରାମ ସେଡ୍ ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଗ୍ୟାସ୍ ଦର ବଢିଲା, ତେଲ ଦର ବଢ଼ିବା ନେଇ ଗୁଜବ

ମାଲକାନଗିରି,୮/୩(ନି/ପ୍ର): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ପେଟ୍ରୋଲ ଓ ଡିଜେଲ ନମିଳିବା ଏବଂ ତେଲ ଦର ବଢିବା ନେଇ ଗୁଜବ ପରେ ଜିଲ୍ଲାର ସମସ୍ତ ପେଟ୍ରୋଲ ପମ୍ପରେ ଶହ ଶହ ଗ୍ରାହକ ଭିଡ ଜମାଇଛନ୍ତି। ମାଲକାନଗିରିରେ ଗତକାଲି ରାତି ଠାରୁ ଏଭଳି ସ୍ଥିତି ଉପୁଜିଛି। ସୋସିଆଲ ମିଡିଆରେ ତେଲ ଦର ବଢିବା ଏବଂ ଆଗକୁ ନମିଳିବା ନେଇ ଗୁଜବ ସୃଷ୍ଟି ହୋଇଥିଲା। ଯାହାର ପରିଣାମ ଲୋକେ ଭୋଗୁଛନ୍ତି। ନିଜର ଗାଡିରେ ତେଲ ପକାଇବା ପେଟ୍ରୋଲ ପମ୍ପରେ ଜଣେ ଜଣେ ଏକ ଘଟାଂରୁ ଦୁଇ ଘଟାଂ ଧରି ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଲୋକେ ନିଜର ଗାଡିରେ ତେଲ ଫୁଲ କରି ରଖିବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ପେଟ୍ରୋଲ ପମ୍ପ ମାଲିକଙ୍କ କହିବା ଅନୁଯାୟୀ ତେଲର କୌଣସି ଅଭାବ ନାହିଁ। ଅନ୍ୟଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଣ ଅଧିକାରୀ ଲଙ୍ଗରାଜ ବେହେରା ମଧ୍ୟ ଗ୍ରାହକମାନଙ୍କୁ ଭୟ ଓ ଆତଙ୍କିତ ନହେବାକୁ କହିଛନ୍ତି। ସମସ୍ତ ପେଟ୍ରୋଲ ପମ୍ପରେ ତେଲ ରହିଛି। କିନ୍ତୁ କୌଣସି ପେଟ୍ରୋଲ ପମ୍ପ ତେଲ ବୋତଲ କିମ୍ବା ଜାରକିନରେ ଦେବେ ନାହିଁ ବୋଲି ସଫା ସଫା ନିର୍ଦ୍ଦେଶ ଦେଇଛନ୍ତି। କାରଣ ତେଲ ନେଇ ଦଲାଲମାନେ ନିଜ ଘରେ ଗଚ୍ଛିତ ରଖିବା ସହ ଗ୍ରାହକମାନଙ୍କୁ ଅଧିକା ଦାମରେ ତେଲ ବିକ୍ରି କରିବେ। ତେବେ ଆଜି ଠାରୁ ଗ୍ୟାସ ଦର ବଢିଛି। ଘରୋଇ ଗ୍ୟାସକୁ ୬୦ ଟଂକା ବୃଦ୍ଧି ହୋଇଥିବା ବେଳେ କମରସିଆଲ ଟାଙ୍କିରେ ୧୧୫ ଟଂକା ବଢିଛି। ଆଦି ଦିନ ତମାମ ଜିଲ୍ଲାର ପ୍ରତ୍ୟେକ ପେଟ୍ରୋଲ ପମ୍ପରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଲୋକଙ୍କୁ ପ୍ରଶାସନ ଯେତେ ବୁଝାଇଲେ ମଧ୍ୟ ଲୋକେ ବୁଝୁନଥିବା ଜଣାପଡିଛି। ତେବେ ଲୋକଙ୍କୁ କୌଣସି ଗୁଜବକୁ ବିଶ୍ୱାସ ନକରିବାକୁ ମଧ୍ୟ ପ୍ରଶାସନ ଅନୁରୋଧ କରିଛି।

ପିଲା ଚୋରି ଅଭିଯୋଗରେ ଯୁବକ ଅଟକ

ଭେଡେନ,୮/୩(ନି/ପ୍ର): ବରଗଡ଼ ଜିଲ୍ଲା ଭେଡେନ ଥାନା ରକ୍ସୁଡ଼ା ଫାଣ୍ଡି ଭାଲୁପାଲି ଗ୍ରାମରେ ପିଲା ଚୋରି ସନ୍ଦେହରେ ଯୁବକ ଅଟକ । ମିଳିଥିବା ସୂଚନା ମୁତାବକ ଗୁରୁବାର ରାତି ୧୨ଟାରେ ଛୁଆ ଚୋରି ଅଭିଯୋଗରେ ଜଣେ ବ୍ୟକ୍ତିକୁ ଗ୍ରାମବାସୀ ଅଟକ ରଖି ପୁଲିସକୁ ଖବର ଦେଇଥିଲେ । ହେଲେ ପୁଲିସ ପହଂଚିବା ବିଳମ୍ବ ହେବାରୁ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ପୁଲିସ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ଛୁଆ ଚୋର ଜଣଙ୍କ ପପଙ୍ଗା ଗ୍ରାମର କାଠୁ ସୁରୁଜାଲ ବୋଲି ଜଣାପଡିଛି । ସୂଚନା ଅନୁସାରେ ଗୁରୁବାର ରାତିରେ ଅଭିଯୁକ୍ତ ଜଣଙ୍କ ଭାଲୁପାଲିର ଜଣେ ବ୍ୟକ୍ତିଙ୍କ ଘରେ ପଶିଥିଲା । ପରିବାର ଲୋକ ଏହା ଜାଣି ଗାଁ ଲୋକଙ୍କୁ କହିବାରୁ ସମସ୍ତେ ଚୋରକୁ କାବୁ କରି ସବୁକଥା ପଚାରିବାରୁ ସେ ସତକଥା ମାନିଯାଇଥିଲା । ଏହାପରେ ଗ୍ରାମବାସୀ ଅଭିଯୁକ୍ତଙ୍କୁ ଲାଇନ ଖୁଂଟରେ ବାନ୍ଧି ମାଡ଼ ମାରିଥିଲେ । ଏବାବଦରେ ପୁଲିସ ଜାଣିବା ପରେ ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ କିଛି ଗ୍ରାମବାସୀଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି ।

ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ-୨୦୨୬ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୮/୩(ନି/ପ୍ର): କେନ୍ଦ୍ରାପଡ଼ା ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ-୨୦୨୬ ଉଦଯାପିତ ହୋଇଯାଇଛି। ଉଦଯାପନୀ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ପବିତ୍ର ମୋହନ ବାରିକ ସଭାପତିତ୍ୱ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ୱାଗତିକା ସ୍ୱାଇଁ ଓ ଶୁଭସ୍ମିତା ତ୍ରିପାଠୀ ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଶୃଙ୍ଖଳା, ଲକ୍ଷ୍ୟ ଓ ସମର୍ପଣଭାବ ସହିତ ଅଧ୍ୟୟନ କରିବା ସହ ଗୁରୁଙ୍କ ଉପଦେଶକୁ ଜୀବନରେ ଅନୁସରଣ କରିପାରିଲେ ସେମାନେ ଜୀବନରେ ସଫଳ ହେବା ସହ ଜିଲ୍ଲା ଓ ରାଜ୍ୟର ଗର୍ବ ଓ ଗୌରବ ହୋଇପାରିବେ। ଶିକ୍ଷକ ଶିକ୍ଷୟତ୍ରୀମାନେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସଠିକ୍ ପଥ ପ୍ରଦର୍ଶନ କରିପାରିଲେ ଆମ ଜିଲ୍ଲା ଓ ରାଜ୍ୟର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେମାନେ ମତପ୍ରକାଶ କରିଥିଲେ। ସେହିପରି ଶିକ୍ଷାର ଭିତିଭୂମି ସୁଦୃଢ ହେଲେ ୨୦୩୬ ସୁଦ୍ଧା ଓଡ଼ିଶା ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ଭାରତ ବିକଶିତ ଦେଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପିଏମ୍ ଶ୍ରୀ ଉତ୍ସବ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେଇଥିବାରୁ ଆୟୋଜକମାନଙ୍କୁ ଏବଂ ରାଜ୍ୟ ସରକାରଙ୍କୁ ଅତିଥିମାନେ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ପାଇଁ ବିଭିନ୍ନ ପିଏମ୍ ଶ୍ରୀ ବିଦ୍ୟାଳୟକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉଦଯାପନୀ ଉତ୍ସବରେ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ, ପିଏମ୍ ଶ୍ରୀ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ବିଶ୍ୱ ମହିଳା ଦିବସ ପାଳିତ : ନାରୀ ହେଉଛି ତ୍ୟାଗର ମୂର୍ତ୍ତି

ରାଉରକେଲା,୮/୩(ନି/ପ୍ର): ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର (ଏସଏସଆରଭିଏମ୍) ଦ୍ୱାରା ପରିଚାଳିତ ସେକ୍ଟର ୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ସେକ୍ଟର ୧୯ ସ୍ଥିତ ଇସ୍ପାତ ବିଦ୍ୟାମନ୍ଦିରର ମିଳିତ ଆନୁକୂଲ୍ୟରେ ବିଶ୍ୱ ମହିଳା ଦିବସ ସେକ୍ଟର ୨୦ ବିଦ୍ୟାଳୟ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଡ ଖୁସବୁ ଜ୍ୟୋତି ଙ୍କ ଅଧକ୍ଷତା, ବିନ ପ୍ରବନ୍ଧକ ସୁଚିନ୍ଦ୍ରନ ସେନଗୁପ୍ତଙ୍କ ଆବାହକତ୍ୱ ତଥା ଅଭିଜିତ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ପ୍ରତିଭା ଷଡ଼ଙ୍ଗୀ ମୁଖ୍ୟଅତିଥି, ଆରଏସପି ର ବରିଷ୍ଠ ଅଧିକାରୀ ଆଶା କର୍ଥା ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷା ବାସନ୍ତୀ ମହାନ୍ତି,ଡ ସୁଶ୍ରିତା ଦାସ, ଅନୁଷ୍ଠାନର ନିର୍ଦ୍ଦେଶକ ଡ ଗିରିଜା ଶଙ୍କର ଦାସ, ସେକ୍ଟର ୨୨ ସ୍କୁଲର ଅଧକ୍ଷା ଭାରତୀ ଦାସ ଓ ସେକ୍ଟର ୧୯ ବିଦ୍ୟାମନ୍ଦିରର ଅଧକ୍ଷା ଡ ଶିବଦନା ନାୟକ, ଆରଏସପି ର ଅଧିକାରୀ ଅବିନାଶ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି, ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ନାରୀ ହେଉଛି ତ୍ୟାଗର ମୂର୍ତ୍ତି । ମା ହେଉଛି ଶିଶୁର ପ୍ରଥମ ଓ ସର୍ବଶ୍ରେଷ୍ଠ ଗୁରୁ। ମହିଳା ମାନେ ହସିଲେ ପରିବାର, ସମାଜ, ରାଜ୍ୟ,ଦେଶ,ବିଶ୍ୱ ହସିବ। ଯେଉଁ ସ୍ଥାନରେ ମହିଳାଙ୍କୁ ସମ୍ମାନ ମିଳେ ସେ ସ୍ଥାନରେ ଭଗବାନ ରୁହନ୍ତି। ଆମେ ଆମ ପିଲାମାନଙ୍କୁ ସ୍ୱାକ୍ଷର କରିପାରିଛୁ କିନ୍ତୁ ଶିକ୍ଷିତ କରିପାରି ନାହୁଁ। ଆଜିକାଲି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ନିଜର ଅସ୍ତିତ୍ୱ ଜାହିର୍ କରୁଥିବାବେଳେ ସେମାନଙ୍କୁ ଘରେ ବାହାରେ ଉପଯୁକ୍ତ ସମ୍ମାନ ମିଳିଲେ ସମାଜ ହସିବା ସହ ବିଶ୍ୱ ମଧ୍ୟ ହସିବ। ଦୁନିଆଁ ସେତେବେଳେ ହସିବ ଯେତେବେଳେ ନାରୀ ଟିଏ ନିଜ ଜନ୍ମ ପାଇଁ ଗର୍ବିତ ହେବ। କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ରବିଶଙ୍କର ଙ୍କର ବାଣୀ କୁ ପ୍ରସାର କରାଯାଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ବରିଷ୍ଠ ଅଧିକାରୀ ଯଶବିନ୍ଦର କୌର, ମୀନାକ୍ଷୀ ପାଢ଼ୀ, ଶିବାନୀ ବହିଦାର,ନୈନା ବେହୁରିଆ, ମଧୁମିତା ଷଡ଼ଙ୍ଗୀ, ମଞ୍ଜୁଲତା ମୋହିନୀ, ବିଶାଳ ସୁନାନୀ, ପିଥା ମାରାଣ୍ଡି, ସିଦ୍ଧାର୍ଥ ରଥ,ଧୀରଜ କୁମାର ମହନ୍ତ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ଶେଷରେ ଅଧକ୍ଷା ଡ ଜ୍ୟୋତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେକ୍ଟର ୨୦, ସେକ୍ଟର ୧୯ ଓ ସେକ୍ଟର ୨୨ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

ନ୍ୟାୟ ସଂହିତା ପ୍ରଦର୍ଶନୀରେ ଭିଡ

ଭୁବନେଶ୍ୱର,୮/୩(ନି/ପ୍ର): ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡିଆରେ ଓଡିଶା ପୋଲିସ ପକ୍ଷରୁ ଆୟୋଜିତ ନ୍ୟାୟ ସଂହିତା ପ୍ରଦର୍ଶନୀରେ ଉତ୍ସାହମୟ ପରିବେଶ ଦେଖିବାକୁ ମିଳିଛି। ସମାଜର ବିଭିନ୍ନ ବର୍ଗର ଲୋକମାନେ ପ୍ରଦର୍ଶନୀକୁ ଆସି ଭାରତର ନୂତନ ଅପରାଧ ଆଇନ ସମ୍ବନ୍ଧରେ ଜାଣିବା ସହ ସଚେତନତା ଲାଭ କରୁଥିବା ପରିଲକ୍ଷିତ ହୋଇଛି। ଶନିବାର ଦିନ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଅଟୋ ଚାଳକ ମହାସଂଘର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ପ୍ରଦର୍ଶନୀରେ ରହିଥିବା ବିଭିନ୍ନ ଡିଜିଟାଲ ପ୍ରଦର୍ଶନ, ସୂଚନାମୂଳକ ପ୍ୟାନେଲ ଓ ବ୍ୟାଖ୍ୟାମୂଳକ ପ୍ରଦର୍ଶନ ମାଧ୍ୟମରେ ସେମାନେ ନୂତନ ଭାରତୀୟ ଅପରାଧ ଆଇନ — ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଛନ୍ତି। ଏହା ବ୍ୟତୀତ ପ୍ରଦର୍ଶନୀରେ " ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ" ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶିତ କରାଯାଇଛି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍ ରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହେଉଛନ୍ତି। ଏହା ସହ ନୂତନ ଆଇନ କାର୍ଯ୍ୟକାରୀ ପାଇଁ ସ୍ୱତନ୍ତ୍ର ଯୋଜନା, ପୋଲିସ ଆଧୁନିକୀକରଣ ଓ ସଶକ୍ତିକରଣ, ମହିଳା ବିରୋଧୀ ଅପରାଧ ଉପରେ ରୋକ ଲଗାଇବା, ମାଓ ଦମନରେ ଏସଓଜି ର ଭୂମିକା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ର ଅବଦାନ ଆଦି ସମ୍ପର୍କରେ ମଧ୍ୟ ପ୍ରଦର୍ଶିତ କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଦେଶର ନୂତନ ଅପରାଧ ଆଇନଗୁଡ଼ିକ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ସହିତ ଡିଜିଟାଲ ଓ ନ୍ୟାୟକେନ୍ଦ୍ରିକ ଅପରାଧ ନ୍ୟାୟ ବ୍ୟବସ୍ଥା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ହେଉଛି ଏହି ପ୍ରଦର୍ଶନୀର ପ୍ରମୁଖ ଉଦ୍ଦେଶ୍ୟ। ଉଲ୍ଲେଖ ଯୋଗ୍ୟ ଯେ, ଏହି ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

ରାଉରକେଲା,୮/୩(ନି/ପ୍ର): ରାଉରକେଲା ସହରର ପାନପୋଷ ସ୍ଥିତ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ସାମଲଙ୍କ ପୌରହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧାପିକା ରାମେଶ୍ୱରୀ ଭୋଇ ଓ ମମତା ବାକ୍ସଲା ଯୋଗଦେଇଥିଲେ । ଅଧକ୍ଷା ଡ. ସାମଲ ଏହି ଅବସରରେ ସମସ୍ତ ଅଧାପିକା ଓ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ଦିବସ ପାଳନ ର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ମହିଳା ମାନଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କର ତ୍ୟାଗ ଏବଂ ପରିଶ୍ରମକୁ ସ୍ୱୀକୃତି ଓ ସମ୍ବର୍ଦ୍ଧନା ଦେବା ପାଇଁ ଉଦ୍ଦିଷ୍ଟ ଏହି ଦିବସ ସମସ୍ତ ମହିଳା ଓ କିଶୋରୀମାନଙ୍କ ପାଇଁ ଏକ ମହତ୍ୱପୂର୍ଣ୍ଣ ଦିବସ ବୋଲି ଡ. ସାମଲ କହିଥିଲେ । ଶ୍ରୀମତୀ ଭୋଇ ମହିଳାଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଏବଂ ଅନ୍ୟ କ୍ଷେତ୍ରରେ ସଫଳତା ସହିତ ପାରଦର୍ଶିତାକୁ ପାଳନ କରିବା ଏହି ଦିନର ଉଦ୍ଦେଶ୍ୟ ବୋଲି କହିଥିଲେ। ଶ୍ରୀମତୀ ବାକ୍ସଲା ତାଙ୍କ ବକ୍ତବ୍ୟରେ ନାରୀ ଏକ ଶକ୍ତି, ଏକ ସ୍ନେହମୟୀ ହୃଦୟ ଓ ଏକ ସ୍ୱପ୍ନ ସାକାର କରିବାର ଅତୁଟ ସାମର୍ଥ୍ୟ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରୀମାନେ ଆଗ୍ରହ ଏବଂ ଉତ୍ସାହର ସହିତ ଯୋଗଦେଇଥିଲେ ।

ଏନ୍ଆଇଟିରେ ଜାତୀୟ ତାଲିମ କାର୍ଯ୍ୟକ୍ରମ

ରାଉରକେଲା,୮/୩(ନି/ପ୍ର): ଦିବ୍ୟାଙ୍ଗଜନଙ୍କ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିର ଏହି ଭାବନା ସହିତ, ସିକନ୍ଦରାବାଦର ବୌଦ୍ଧିକ ଅକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ପାଇଁ ଜାତୀୟ ପ୍ରତିଷ୍ଠାନ (ଏନଆଇଇପିଆଇଡି), ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ରାଉରକେଲା ଏବଂ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ (ଏସଏସଇପିଡି) ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ ଗୁରୁବାର ଭାରତୀୟ ବୁଦ୍ଧିମତା ପରୀକ୍ଷା ଉପରେ ଏକ ଜାତୀୟ ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୫ ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗଜନଙ୍କ ପାଇଁ ସଠିକ୍ ମୂଲ୍ୟାଙ୍କନ ଏବଂ ଉନ୍ନତ ସେବା ସୁନିଶ୍ଚିତ କରିବା ପାଇଁ ବୃତ୍ତିଗତ କ୍ଷମତାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ସାରା ଦେଶରୁ ୯୮ ଜଣ କ୍ଲିନିକାଲ ମନସ୍ତତ୍ତ୍ୱବିତ ଏବଂ ପୁନର୍ବାସ ମନସ୍ତତ୍ତ୍ୱବିତଙ୍କୁ ଏକତ୍ରିତ କରାଯାଇଥିଲା। ଉଦଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଉରକେଲା କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ଦୀନା ଦସ୍ତାଗୀର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସଏସଇପିଡିର ଡେପୁଟି ସେକ୍ରେଟାରୀ ସନ୍ୟାସାଇ କୁମାର ବେହେରା, ଏନ୍ଆଇଟି କୁଳପତି ପ୍ରଫେସର ରୋହନ ଧୀମାନ, ଏନଆଇଟି ପ୍ରଫେସର ଜଳଧର ପ୍ରଧାନ, ସହଯୋଗୀ ପ୍ରଫେସର ଡ ସରୋଜ ଆର୍ଯ୍ୟ, ସହଯୋଗୀ ପ୍ରଫେସର ରାମକୃଷ୍ଣ ବିଶ୍ୱାଳ, ପ୍ରାକ୍ତନ ସହଯୋଗୀ ପ୍ରଫେସର ସୁନିତା ଦେବୀ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ସଂଯୋଜକ ପ୍ରଫେସର ଆର କେ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ଏହି ତାଲିମର ଲକ୍ଷ୍ୟ ମନୋବିଜ୍ଞାନୀ ଏବଂ ପୁନର୍ବାସନ ବୃତ୍ତିଗତମାନଙ୍କୁ ମାନକ ଏବଂ ନୈତିକ ଉପାୟରେ ଏନଆଇଟିଆଇ ପରୀକ୍ଷା ପରିଚାଳନା ପାଇଁ ଆବଶ୍ୟକୀୟ ଜ୍ଞାନ ଏବଂ ବ୍ୟବହାରିକ ଦକ୍ଷତା ସହିତ ସଜ୍ଜିତ କରି ସେମାନଙ୍କ ବୃତ୍ତିଗତ କ୍ଷମତାକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ସୁଶ୍ରୀ ଦସ୍ତାଗୀର ଦିବ୍ୟାଙ୍ଗଜନଙ୍କ ପାଇଁ ଅନ୍ତର୍ଭୁକ୍ତିମୂଳକ ପଥ ନିର୍ମାଣ କରିବା ଦିଗରେ ଅର୍ଥପୂର୍ଣ୍ଣ ପଦକ୍ଷେପ ନେବା ପାଇଁ ପ୍ରଶଂସା କରିଥିଲେ। ସେ ଜ୍ଞାନ ଆଦାନ ପ୍ରଦାନ ଏବଂ ସାମାଜିକ ଉନ୍ନତି ପାଇଁ ଅନୁଷ୍ଠାନଗୁଡିକ ମଧ୍ୟରେ ନିରନ୍ତର ସହଯୋଗକୁ ଉତ୍ସାହିତ କରିଥିଲେ। ଡିଏସଏସଓ ର ମିତାଲି ରଣା କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସ୍ଥା ଅନୁଷ୍ଠାନର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ,ରିନୁଲତା ମହାରଣା, ସୁକୁମାର ପାଣ୍ଡବ, ଚନ୍ଦ୍ରିକା ପାଣ୍ଡବ, ଅର୍ଚ୍ଚନା ମିଞ୍ଜ, ଧୀରେନ୍ଦ୍ର ଓଝା,ଗଗନ ମହାନ୍ତି,ସୌଦାମିନୀ ପଟ୍ଟନାୟକ, ଉଦୟ ସା ଓ ଏନଆଇଟି ରୁ ବିରେନ୍, ଆଶୁତୋଷ, ହେମାନନ୍ଦ, ଅର୍ପିତା,କୋଏନା,ଜିତାଦିତ୍ୱ, ପୂଜା, ବିନୟ,ରିଷିକେଶ,ସୋଏମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

ସରସ ସ୍ୱଦେଶୀ ମେଳାରେ ସ୍ୱଦେଶୀ ଜାଗରଣ ମଂଚର ଆଲୋଚନାଚକ୍ର ଭୋକାଲ ଟୁ ଲୋକାଲ-ଲୋକାଲ ଟୁ ଗ୍ଲୋବାଲ

ରାଉରକେଲା,୮/୩ (ନି/ପ୍ର): ରାଉରକେଲା ସେକ୍ଟର-୧୩ ପ୍ରଦର୍ଶନୀ ପଡିଆରେ ଫେବୃଆରୀ ୨୭ ତାରିଖ ଠାରୁ ଆରମ୍ଭ ହୋଇଥିବା ଜାତୀୟ ସ୍ତରୀୟ ସରସ ସ୍ୱଦେଶୀ ମେଳା ୨୦୨୬ର ଆଜି ଦଶମ ଦିବସରେ ସ୍ୱଦେଶୀ ଜାଗରଣ ମଂଚ ତତ୍ୱାବଧାନରେ ଭୋକାଲ ଟୁ ଲୋକାଲ - ଲୋକାଲ ଟୁ ଗ୍ଲୋବାଲ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ର ପ୍ରାରମ୍ଭରେ ମଚାଂସୀନ ଅତିଥିମାନଙ୍କୁ ଉତରୀୟ ଓ ମୋମେଣ୍ଟୋ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ରାଉରକେଲା ଲଘୁ ଉଦ୍ୟୋଗ ଭାରତୀ ସଭାପତି ରାଜେଶ ଗର୍ଗ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଉରକେଲା ଏନ୍ଆଇଟି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ରାଜୀବ କୁମାର ପଣ୍ଡା, ସୁନ୍ଦରଗଡ ଓରମାସର ସିଇଓ କେଶବ ଝା, ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ରାଉରକେଲା ଏସ୍ କେ ପତି, ଜେ.ଏସ୍.ଏସ୍. ନିର୍ଦ୍ଦେଶକ ସଞ୍ଜୀବ ମିଶ୍ରଙ୍କ ସମେତ ମହିଳା ଉଦ୍ୟୋଗୀ ତଥା ୱାଟରକ୍ରାଫ୍ଟର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ନିହାରିକା ବସ୍ତିଆ ଯୋଗଦେଇଥିଲା ବେଳେ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ ଭିମସେନ ନାୟକ। ଏହି ଆଲୋଚନାଚକ୍ରରେ ଭୋକାଲ ଟୁ ଲୋକାଲ - ଲୋକାଲ ଟୁ ଗ୍ଲୋବାଲ ହେବା ପାଇଁ ଉଦ୍ଯୋଗ କ୍ଷେତ୍ରରେ ମହିଳାମାନେ ସାମ୍ନା କରୁଥିବା ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଉପରେ ଆଲୋକପାତ କରି, ରାଉରକେଲା ଏନ୍ଆଇଟି ପ୍ରଫେସର ରାଜୀବ କୁମାର ପଣ୍ଡା ତାଙ୍କ ବକ୍ତବ୍ୟରେ ଭୋକାଲ ଟୁ ଲୋକାଲ - ଲୋକାଲ ଟୁ ଗ୍ଲୋବାଲ ହେବାକୁ ହେଲେ ଉଦ୍ଯୋଗ ପାଇଁ ନିଜର ପରିକଳ୍ପନାକୁ ସଠିକ୍ ଭାବେ କରିବା ସହିତ ଉଦ୍ଯୋଗରୁ ବାହାରୁଥିବା ପଦାର୍ଥକୁ ବିକ୍ରି କରିବା ପାଇଁ ବଜାର ଆବଶ୍ୟକ ହୋଇଥାଏ। ବଜାରରେ ପଦାର୍ଥ ଠିକ୍ ଭାବେ ଆଦୃତ ହୋଇପାରିଲେ ତାହା ବିଶ୍ୱ ଦରବାରରେ ଆଦୃତ ହୋଇ ଗ୍ଲୋବାଲରେ ପରିଣତ ହୋଇପାରିବ। ଓରମାସ୍ ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ସରସ ସ୍ୱଦେଶୀ ମେଳା ମାଧ୍ୟମରେ ମହିଳା ଉଦ୍ଯୋଗୀ ସେମାନଙ୍କ ପଦାର୍ଥ ପ୍ରଦର୍ଶନ ସହିତ ବିକ୍ରୟ ମଧ୍ୟ କରିପାରିବେ ବୋଲି କହିଥିଲେ ସୁନ୍ଦରଗଡ ଓରମାସ୍ ସିଇଓ କେଶବ ଝା। ସେହିପରି ଏମ୍ଏସ୍ଏମ୍ଇ ମାଧ୍ୟମରେ ଉଦ୍ଯୋଗ ପ୍ରତିଷ୍ଠା ପାଇଁ ୫୦ ଲକ୍ଷ ଟଙ୍କା ଋଣ (ଲୋନ୍) ଯୋଗାଇ ଦିଆଯାଉଥିବା ବେଳେ, ପଦାର୍ଥର ସଠିକ ମୂଲ୍ୟ ପାଇଁ ଆବଶ୍ୟକ ହେଉଥିବା ବାରକୋର୍ଡ ପାଇଁ ୭୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ମଧ୍ୟ ଋଣ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି। ମହିଳାଙ୍କ କ୍ଷେତ୍ରରେ ଶତ ପ୍ରତିଶତ ଛାଡ ରହିଛି। ସେହିପରି ୱାଟରକ୍ରାଫ୍ଟର ପରିଚାଳନା ନିର୍ଦ୍ଦେଶିକା ନିହାରିକା ବସ୍ତିଆ ଉଦ୍ଯୋଗ କ୍ଷେତ୍ରରେ ସାମ୍ନା କରିଥିବା ଅସୁବିଧା ସହିତ ଗ୍ଲୋବାଲ ହେବା ପାଇଁ ଆବଶ୍ୟକତା ବିଷୟରେ ନିଜ ବକ୍ତବ୍ୟ କହିଥିଲେ । ସେହିପରି ଜେଏସ୍ଏସ୍ ନିର୍ଦ୍ଦେଶକ ସଞ୍ଜୀବ ମିଶ୍ର ଭୋକାଲ ଟୁ ଲୋକାଲ - ଲୋକାଲଟୁ ଗ୍ଲୋବାଲ ହେବା ପାଇଁ ନିଜ ବକ୍ତବ୍ୟ ରଖିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ରିତେଶ ହାଲଦାର। ଏହି ଭୋକାଲ ଟୁ ଲୋକାଲ - ଲୋକାଲ ଟୁ ଗ୍ଲୋବାଲ ଆଲୋଚନାଚକ୍ରର ସଂଯୋଜନା କରିଥିଲେ ଭୀମସେନ ନାୟକ।

ନୂଆପଡାରେ ମାରାଗୁଡା ଲୋକ ମହୋତ୍ସବ–୨୦୨୬ ସଫଳ ପରିଚାଳନା ପାଇଁ 'ଅଭ୍ୟର୍ଥନା କମିଟି' ବୈଠକ

ନୂଆପଡ଼ା, ୮/୩(ନି/ପ୍ର):ନୂଆପଡା ଜିଲ୍ଲାର ଲୋକ କଳା, ସାହିତ୍ୟ, ସଂସ୍କୃତିର ମହାପାର୍ବଣ ମାରାଗୁଡା ଲୋକ ମହୋତ୍ସବ– ୨୦୨୬ ର ସଫଳ ଆୟୋଜନ ନିମିତ 'ଅଭ୍ୟର୍ଥନା କମିଟି'ର ଏକ ବୈଠକ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ଅବହିତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଦାଶ ମାରାଗୁଡା ଲୋକ ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବିଭିନ୍ନ ଦିନରେ କେଉଁ କେଉଁ ବିଶିଷ୍ଟ ବ୍ୟକ୍ତି ମୁଖ୍ୟ ଅତିଥି ତଥା ଅତିଥି ଭାବରେ ଯୋଗଦେବେ ତାହା ଉପରେ ଆଲୋଚନା ହୋଇଥିଲା । ଏହି ମହୋତ୍ସବକୁ ମାନ୍ୟବର ରାଜ୍ୟପାଳ ଡ଼ଃ ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମଙ୍କ ସହିତ ଅନ୍ୟାନ୍ୟ ମନ୍ତ୍ରୀ, ବିରୋଧୀଦଳ ନେତା, ସାଂସଦ, ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକମାନଙ୍କୁ ଆମନ୍ତ୍ରଣ କରିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା ।

ବ୍ଲକସ୍ତରୀୟ ଲକ୍ଷେଘର ସମାଜର ବାର୍ଷିକ ମହାସଭା ଓ ବନ୍ଧୁମିଳନ ସମାରୋହ

ରାଜଗାଙ୍ଗପୁର,୮/୩(ନି/ପ୍ର):ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଜାମପାଲି ଫୁଟବଲ ପଡ଼ିଆ ଠାରେ ବ୍ଲକ ସ୍ତରୀୟ ଲକ୍ଷେଘର ସମାଜ ର ବାର୍ଷିକ ମହାସଭା ଓ ବନ୍ଧୁମିଳନ ସମାରୋହ ବୋହୁ ଆଡମ୍ବର ସହିତ ହୋଇଛି ୧/୩/୨୦୨୬ ରବିବାର ଦିନ ଲକ୍ଷେ ଘର ସମାଜ ର ଶତାଧିକ ସଦସ୍ୟ ଓ ସମାଜ ସେବି ମାନଙ୍କ ଉପସ୍ଥିତ ରେ ଯାମପାଲି ସଭାପତି ଗୌତମ ସିଂ ଙ୍କ ନେତୃ ରେ ସଫଳ ଆୟୋଜନ ହେଇଥିଲା ପ୍ରଥମେ ପ୍ରଭୁ ଜଗନ୍ନାଥ ଓ ମାଁ ସମଲେଇଙ୍କୁ ଦୀପ ପ୍ରଯଳିତ କରି ପୂଜାର୍ଚ୍ଚନା କରି ସଭା ଆରମ୍ଭ କରିଥିଲେ । ଏହି ସମାରୋହ ରେ ସମାଜ କୁ କିପରି ଆଗକୁ ନେଇ ସମାଜ ର ମୁଖ୍ୟ ସ୍ରୋତ ରେ ଯୋଡି ରଖିବା ଓ ଆଗଧାଡିରେ ଯିବା କୁ ହେଲେ ଯୋଉ ଗୁଡିକ ଯୋଗୁ ଆମ ସମାଜ ଆଜି ପଛ ଘୁଂଚିଆ ହୋଇଯାଇଛି ତାହାକୁ ଦୂର କରିବା କୁହେଲେ ଆମକୁ ସମାଜ ପରିବେଶ କୁ ବଦଳାଇ ବାକୁ ହେବ ଏବଂ ଆସନ୍ତା ପିଢ଼ି କୁ ଉଚ୍ଚ ଶିକ୍ଷା ଦେବାକୁ ହେବ ଏଭଳି ପ୍ରସଙ୍ଗ ଉପରେ ଜୋର ଦେଇ ଆଲୋଚନା କରା ଯାଇଥିଲା ଏବଂ ସଂସ୍କୃତି କ କାର୍ଯ୍ୟକ୍ରମ ଆୟୋଜନ ର ସୁନ୍ଦର ଅରିବେଷଣ ର ଆନନ୍ଦ ନେଇଥିଲେ ଏହି ସଭାରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସୁନାନୀ,ମହିଳା ଜିଲ୍ଲା ସଭାପତି,ଜିଲ୍ଲା ସମ୍ପାଦିକା ବନିତା ସୁନାନୀ,ସୁମିତା ରାନୀ କରିଆଲି, ଯୋଗ ଦେଇ ଥିବା ବେଳେ, ରାଜଗାଙ୍ଗପୁର ବ୍ଲକ ସଭାପତି ଗୌତମ ସିଂ, ଅର୍ଜୁନ ଜୟପୁରିଆ, ବିରବଲ ସିଂ, ଶହ ଶତାଧିକ ଲକ୍ଷେ ଘର ସଙ୍ଘ ର ସଦସ୍ୟ ମାନେ ଉପସ୍ଥିତ ଥିଲେ।

ସେଲ, ରାଉରକେଲା ଇସ୍ପାତ କାରଖାନାରେ ଅନଲାଇନ୍ ସୁରକ୍ଷା କୁଇଜ୍

ଆଗାମୀ ଜାତୀୟ ସୁରକ୍ଷା ସପ୍ତାହ ୨୦୨୬ ପାଳନର ଉତ୍ସାହକୁ କରିଛି ଦ୍ୱିଗୁଣିତ

ରାଉରକେଲା,୮/୩(ନି/ପ୍ର): ଆଗାମୀ ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ ପାଳନର ଏକ ଉତ୍ସାହୀ ପଦକ୍ଷେପ ସ୍ୱରୂପ, ସେଲ, ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଗତ ମାର୍ଚ୍ଚ ୨ ତାରିଖରେ ଗୋପବନ୍ଧୁ ଅଡିଟୋରିୟମ୍ ଠାରେ ଏକ ଆକର୍ଷଣୀୟ ଅନଲାଇନ୍ ସୁରକ୍ଷା କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସମେତ ସମୁଦାୟ ୧୮୭ ଜଣ ନିୟମିତ କର୍ମଚାରୀ ଆଗ୍ରହ ର ସହ ଉକ୍ତ ଉତ୍ସାହଜନକ ପ୍ରତିଯୋଗିତାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଚ ଆର ଏଲ ଏଣ୍ଡ ଡି ବିଭାଗ ର ସି ଜି ଏମ ଶ୍ରୀ ପି. କେ. ସାହୁ, ଏବଂ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗ ର ସି ଜି ଏମ ଶ୍ରୀ ହୀରାଲାଲ ମହାପାତ୍ର, ଅଧକ୍ଷତା କରିଥିଲେ । ସେମାନେ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ସୁରକ୍ଷା ଯେ କେବଳ ଏକ ଅନୁପାଳନ ତା ନୁହେଁ ବରଂ ଆର ଏସ ପି ର ନୀତିରେ ନିହିତ ଏକ ମୂଳ ଲକ୍ଷ୍ୟ ବୋଲି ଗୁରୁତ୍ୱାରୋପ କରିଥିଲେ। ଆହୁରି ମଧ୍ୟ ସେମାନେ କର୍ମଚାରୀମାନଙ୍କୁ କାର୍ଯ୍ୟସ୍ଥଳରେ ସୁରକ୍ଷା ଜ୍ଞାନକୁ ସ୍ଥିର ନିରାପଦ ଅଭ୍ୟାସରେ ପରିଣତ କରିବାକୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ କ୍ୟୁ ଆର-ଭିତ୍ତିକ ଅନଲାଇନ୍ କୁଇଜ୍ ଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନଙ୍କୁ ଏକ ଗୁଗୁଲ ଫର୍ମ ମାଧ୍ୟମରେ ୩୦ ମିନିଟ୍ ମଧ୍ୟରେ ୪୦ ଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଥିଲା। କୁଇଜ୍ ଟି ଚିନ୍ତାଶୀଳ ଭାବରେ ବ୍ୟବସ୍ଥିତ କରାଯାଇଥିଲା ଯାହା ଦ୍ୱାରା ଅଭିନବ ଡିଜିଟାଲ୍ ସ୍କ୍ରିନିଂ ପ୍ରକ୍ରିୟା ନିରପେକ୍ଷ ମୂଲ୍ୟାଙ୍କନ କୁ ସୁନିଶ୍ଚିତ କରିବା ସହ ଅନ୍ତିମ ପର୍ଯ୍ୟାୟ ପାଇଁ ୧୦ ଜଣ ଅଧିକାରୀ ଏବଂ ୧୦ କର୍ମଚାରୀ ଙ୍କୁ ଏକ ସଂକ୍ଷିପ୍ତ ତାଲିକା ପ୍ରଦାନ କରିପାରିଥିଲା। ସଂକ୍ଷିପ୍ତ ତାଲିକାରେ ଅଂଶଗ୍ରହଣକାରୀଙ୍କୁ ପରବର୍ତ୍ତୀ ସମୟରେ ଦୁଇ ଜଣିଆ ଦଳରେ ସଂଯୁକ୍ତ କରା ଯାଇଥିଲା, ପ୍ରତ୍ୟେକ ବର୍ଗରେ ୫ଟି ଦଳ ଗଠନ କରାଯାଇଥିଲା। ଫାଇନାଲ ରାଉଣ୍ଡ ଏକ ଆକର୍ଷଣୀୟ ମୌଖିକ ପ୍ରତିଯୋଗିତା ଭାବରେ ପ୍ରକାଶିତ ହୋଇଥିଲା ଯାହା ଉନ୍ନମ ଭାବେ ଡିଜାଇନ୍ କରାଯାଇଥିବା ପାୱାରପଏଣ୍ଟ ଉପସ୍ଥାପନ ଦ୍ୱାରା ସଜ୍ଜିତ ହୋଇଥିଲା। ସୁରକ୍ଷା ଅଭ୍ୟାସ, ବିପଦ ଚିହ୍ନଟ, ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଇସ୍ପାତ କାରଖାନା-ନିର୍ଦ୍ଦିଷ୍ଟ ସୁରକ୍ଷା ପ୍ରୋଟୋକଲରୁ ପ୍ରଶ୍ନ କରାଯାଇଥିଲା। ଜାତୀୟ ସୁରକ୍ଷା ସପ୍ତାହ ପାଳନର ଅଂଶ ସ୍ୱରୂପ ଆଗାମୀ ସୁରକ୍ଷା ଦିବସ ସମାରୋହରେ ପ୍ରତ୍ୟେକ ବର୍ଗର ବିଜେତା ଏବଂ ରନର୍ସ-ଅପ୍ ଦଳଗୁଡ଼ିକୁ ସମ୍ମାନିତ କରାଯିବ। ସୁରକ୍ଷା ବିଭାଗ ର ଜି ଏମ ଶ୍ରୀ ଅବକାଶ ବେହେରା ଙ୍କ ମାର୍ଗଦର୍ଶରେ ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗ ର ଏଜିଏମ ଶ୍ରୀ ବି. କେ. ପାଢ଼ୀ, ସଂଯୋଜନା କରିଥିଲେ ।